ଧରିତ୍ରୀ
DHARITRI
March12-18, 2023 ₹ 2/-

# ଛୁଟିଦିନ

# ସିଂହାସନ





ପ୍ରଚ୍ଛଦ ପ୍ରସଙ୍ଗ

୩

ସିଂହାସନ!
ଶକ୍ତି, ସାମର୍ଥ୍ୟ ଓ ବୀରତ୍ୱର
ପ୍ରତୀକ ଇଏ। ଏହା ଏମିତି ଏକ ସ୍ଥାନ,
ଯାହା ଉପରେ ଉପବିଷ୍ଟ
ହେଉଥିବା ବ୍ୟକ୍ତିଙ୍କୁ ଗଣନା କରାଯାଏ
ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ୍। ଇତିହାସ ସାକ୍ଷୀ
ଅଛି ଏଇ ସିଂହାସନ ମୋହରେ
ହୋଇଛି କେତେ ଯେ ଷଡ଼ଯନ୍ତ୍ର,
କେତେ ଯେ ରକ୍ତପାତ ...






# ସମୃଦ୍ଧି ପାଇଁ ବାସ୍ତୁ

**ବାସ୍ତୁଶାସ୍ତ୍ର କହେ, ଘରେ ବାସ୍ତୁଦୋଷ ଥିଲେ କଳହ ଲାଗି ରହେ। ଘରର ଉନ୍ନତି ପଥରେ ବାରମ୍ବାର ବାଧା ଉପୁଜିବା ସହ ରୋଜଗାର ତୁଳନାରେ ଖର୍ଚ୍ଚ ବଢିଯାଏ, ରୋଗବ୍ୟାଧି ଲାଗି ରହେ ଇତ୍ୟାଦି। ତେଣୁ କ'ଣ କଲେ ଏସବୁରୁ ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...**

*ଘରର ମୁଖ୍ୟ ଦ୍ୱାରକୁ ସର୍ବଦା ସଫାସୁତୁରା ରଖିବା ସହ ଏଠାରେ କେମିତି ଭଲ ଆଲୋକ ପଡିପାରିବ ସେ ବ୍ୟବସ୍ଥା କରିବା ଦରକାର।

*ରୋଷେଇ ଘରକୁ ସଫା ରଖିବା ସହ ତିଆରି କରାଯାଇଥିବା ପ୍ରଥମ ରୁଟିକୁ ଗୋମାତାଙ୍କୁ ଦେବା ପାଇଁ କାଢିଦେବା ଶୁଭ ହୋଇଥାଏ।

*ସପ୍ତାହକୁ ଥରେ ହେଉନା କାହିଁକି



ଘରେ ଗୁଗୁଳ ଧୂଆଁ ଦେବା ଦ୍ୱାରା ଘରୁ ନକାରାତ୍ମକ ଉର୍ଜ୍ଜା ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

*ଗୃହରେ କେବେବି ଗୋଟିଏ ରେଖାରେ ତିନୋଟି କବାଟ ରହିବା ଉଚିତ୍ ନୁହେଁ।

*ଘରେ କେବେ ବି କୌଣସି ଭଙ୍ଗାରୁଜା ଜିନିଷ କିମ୍ବା ଅଳିଆ ଆବର୍ଜନାକୁ ଗଦେଇକରି ରଖିବା ଠିକ୍ ନୁହେଁ। ଏହାର କୁପ୍ରଭାବ ମଧ୍ୟ ଘରର ସୁଖଶାନ୍ତି ଉପରେ ପଡିଥାଏ।

*ଯେଉଁ ଫର୍ଣିଚର୍‌ର କୋଣଗୁଡ଼ିକ ଗୋଲାକାର ଆକୃତିର ହୋଇଥିବ ସେହି ଫର୍ଣ୍ଣିଚର୍‌କୁ ଘରେ ପକାଇବା ଶୁଭ ହୋଇଥାଏ।

* ସେହିପରି ଧ୍ୟାନଦେବେ ଘରେ ଲାଗିଥିବା କୌଣସି ଟ୍ୟାପ୍‌ରୁ ଯେମିତି ପାଣି ଲିକ୍ କରୁନଥିବ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା ଘରର ପୂର୍ବ କିମ୍ବା ଉତ୍ତର ଦିଗରେ ହୋଇଥିବ।

*ବାଥ୍‌ରୁମ୍‌କୁ ସର୍ବଦା ସଫା ରଖିବା ସହ, ଧ୍ୟାନଦେବେ ଏଠାରୁ ଯେମିତି ଦୁର୍ଗନ୍ଧ ବାହାରୁ ନଥିବ।

*ଘରର ପୂର୍ବ ଦିଗରେ କିମ୍ବା ପୂଜା ସ୍ଥାନରେ ତୁଳସୀ ଗଛ ରହିବାକୁ ମଧ୍ୟ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୨-୧୮

**ମେଷ**: ବନ୍ଧୁ ମିଳନ, ଅର୍ଥସଂକଟ, ସହକର୍ମୀଙ୍କ ଅସହଯୋଗ, ବିବାଦୀୟ ହୋଇପଡିବେ, ଠକାମିରେ ପଡିପାରନ୍ତି, ପାରିବାରିକ ଅଶାନ୍ତି, ମାଙ୍ଗଳିକ କାର୍ଯ୍ୟ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଆଲୋଚନାରେ ସଫଳତା ।।

**ବୃଷ**: ଯାତ୍ରା ସଫଳ, ଆମୋଦ ପ୍ରମୋଦ, ନୂତନସମ୍ପର୍କ, ଆନୁଷ୍ଠାନିକ କାର୍ଯ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟଙ୍କ ପରାମର୍ଶ, ଅର୍ଥପ୍ରାପ୍ତି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, କରଜଦାତାଙ୍କ ଚାପ, ବ୍ୟବସାୟିକ ଉତ୍କର୍ଷତା, ଧର୍ମକାର୍ଯ୍ୟ କରିବେ ।।

**ମିଥୁନ**: କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ସ୍ୱାର୍ଥପରତା, ବକେୟା ଅର୍ଥପ୍ରାପ୍ତି, ଯାନବାହନ କ୍ରୟ, ସନ୍ତାନଙ୍କ କୃତିତ୍ୱ, ରୋଗପୀଡା ହ୍ରାସ, ଶିଳ୍ପବାଣିଜ୍ୟରେ ଉନ୍ନତି, ସଭାସମିତିକୁ ନିମନ୍ତ୍ରଣ, ପରିସ୍ଥିତିର ମୁକାବିଲା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ବିଭିନ୍ନସୂତ୍ରରୁ ରୋଜଗାର ।।

**କର୍କଟ**: ପ୍ରତୀକ୍ଷିତ ଖବର ପାଇବେ, ବ୍ୟବସାୟରେ ଲାଭ, ଭାତୃସମ୍ପର୍କ ହ୍ରାସ, ଅତିଥିଚର୍ଚ୍ଚା, ବୁଦ୍ଧିଜିବୀଙ୍କ ପ୍ରଶଂସା, ଉଚ୍ଚଶିକ୍ଷାପ୍ରତି ଆଗ୍ରହ, ଭ୍ରମଣ ପ୍ରିୟ ହେବେ, ମାନସିକ ଅବସାଦ, ଆର୍ଥିକ ଦୂରବସ୍ଥା ।।

**ସିଂହ**: କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ସଫଳତାରୁ ଆନନ୍ଦ, ପୈତୃକସମ୍ପତି ଲାଭ, ବନ୍ଧୁକଥାରେ ପ୍ରଭାବିତ, ଭୁଲ କାମ କରିପାରନ୍ତି, ସାମାଜିକ ସମ୍ମାନ, ନୂତନ ମିତ୍ରତା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସମସ୍ୟାର ସମାଧାନ, ସହାୟତା ପାଇବେ ।।

**କନ୍ୟା**: ପଡୋଶୀଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ସ୍ଥଗିତ କର୍ମାରମ୍ଭ, କୈଫିୟତ୍ ଦେବାକୁ ପଡିପାରେ। ସ୍ତ୍ରୀଙ୍କ ପ୍ରେରଣା, ଅତିଥି ଚର୍ଚ୍ଚା, ସତ୍‌ସଙ୍ଗର ସୁଯୋଗ, ପୁରାଣ ପଠନ, ଧର୍ମକାର୍ଯ୍ୟରେ ରୁଚି, ଲୋକ ସମ୍ପର୍କ ବଢ଼ିବ ।।

**ତୁଳା**: ଦୂରଯାତ୍ରାରେ ଲକ୍ଷ୍ୟପୂରଣ, କଲ୍ୟାଣମୂଳକ କର୍ମ, ସମ୍ମାନନୀୟ ବ୍ୟକ୍ତିଙ୍କ ପରାମର୍ଶ, ଶତ୍ରୁତାର ଅବସାନ, ଲେଖାପଢ଼ାରେ ଆଗ୍ରହ, କାର୍ଯ୍ୟବ୍ୟସ୍ତତା ବଢିବ, ଏଜେନ୍ସିର ପ୍ରସାର, ସାମ୍ବାଦିକତାରେ ଗୌରବ ।।

**ବିଛା**: ଖୁସିର ଆସର ଜମିବ, ବନ୍ଧୁଙ୍କ ଅନୁରକ୍ତି, ଆଶାନୁରୂପ ଫଳ, ବନ୍ଧୁଙ୍କ ଛଳନା, ଯାନ୍ତ୍ରିକ ତ୍ରୁଟି, ଯାତ୍ରା ବିଳମ୍ବ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, କାର୍ଯ୍ୟସମ୍ପନ୍ନ ହେବ, ସାଧାରଣ କଥାରେ କଳହ, ଋଣ କରିବେ, ଅପ୍ରିୟସତ୍ୟରୁ ବିବାଦ ।।

**ଧନୁ**: ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥପରତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥତା, କ୍ରୀଡାପ୍ରିୟ ହେବେ, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ, ଇଚ୍ଛା ବିରୁଦ୍ଧରେ କାମ, ସ୍ୱଜନ ଶତ୍ରୁତା, ପାରିବାରିକ ଶାନ୍ତି ।।

**ମକର**: ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ଅଗ୍ରଗତିରେ ବାଧା, ସହକର୍ମୀଙ୍କ ବିଶ୍ୱାସଘାତକତା, ନିର୍ମାଣାଧୀନ କାର୍ଯ୍ୟରେ ସମସ୍ୟା, ଆତ୍ମୀୟଙ୍କ ସନ୍ଦେହ, ଚୁକ୍ତିପତ୍ର ସମ୍ପାଦନ, ନୂତନ ବ୍ୟବସାୟାରମ୍ଭ, ସାଂସ୍କୃତିକ କାର୍ଯ୍ୟ, ବୁଝାମଣାରେ ତିକ୍ତତା ।।

**କୁମ୍ଭ**: ପରିବାରରେ ମତାନ୍ତର, ଭୁଲ୍ ବୁଝାମଣା ଦୂରେଇବ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସରକାରୀ ସହାୟତା, ସ୍ଥଗିତ କାର୍ଯାରମ୍ଭ, ନିଷ୍ପତି ବଦଳେଇବେ, ସଂକଟ ଦୂର ହେବ, ବନ୍ଧୁପ୍ରସ୍ତାବ ସ୍ଥିରୀକୃତ ହେବ, ଉନ୍ନୟନ କାମରେ ବାଧା ।।

**ମୀନ**: କାର୍ଯ୍ୟହାନୀରୁ ମନସ୍ତାପ, ମନ ଆନ୍ଦୋଳିତ ରହିବ, ସମ୍ପର୍କହାନୀ, କାମ ପୂର୍ଣ୍ଣାଙ୍ଗ ହେବ, ବ୍ୟୟବୃଦ୍ଧି, ବନ୍ଧୁଙ୍କ ଓଲଟା କଥା, ମାମୁଲି ଘଟଣାରେ ଉଚ୍ଚବାଚ, ଚଳଚ୍ଚିତ୍ରରେ ସମସ୍ୟା, ଯାନ ବାହନରେ ତ୍ରୁଟି, ଶିଳ୍ପବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ।।

## ଘୁଙ୍ଗୁଡ଼ି କମାଇବ ଖଟ

ଦ ଷ୍ଟାରୀ ନାଇଟ୍ ସ୍ଲିପ୍ ଟେକ୍ନୋଲୋଜି ବେଡ୍ ନାମରେ ପରିଚିତ ଏହି ଖଟଟିକୁ ଅତ୍ୟାଧୁନିକ ଜ୍ଞାନକୌଶଳଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ବେଡ୍‌ରେ ସ୍ୱତନ୍ତ୍ର ଆଣ୍ଟି ସ୍ନୋର୍ ଟେକ୍ନୋଲୋଜିର ବ୍ୟବହୃତ କରାଯାଇଥିବାରୁ ଏଥିରେ ଘୁଙ୍ଗୁଡ଼ି ମାରୁଥିବା ଲୋକ ଶୋଇଲେ ଆପେ ଆପେ ତାଙ୍କର ଘୁଙ୍ଗୁଡ଼ି ମାରିବାର ଅଭ୍ୟାସ କମିଯାଏ ବୋଲି ସୂଚନା ରହିଛି। କେବଳ ସେତିକି ନୁହେଁ, ଏହି ଖଟରେ ଆଇପଡ୍ ସ୍ଲଟ୍, ଇଣ୍ଟରନେଟ୍ କନେକ୍‌ସନ୍, କମ୍ଫର୍ଟ ସେଟିଙ୍ଗ୍ ତଥା ଘରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସ୍ୱତନ୍ତ୍ର ଫିଚର୍ସ ଇତ୍ୟାଦି ମଧ୍ୟ ଉପଲବ୍ଧ ରହିଛି। ସେହିପରି ଉକ୍ତ ଖଟରେ ଏକ ଭିଡିଓ ପ୍ରୋଜେକ୍ଟର ବି ଲାଗିଛି, ଯାହାକୁ ଚାଲୁ କରିବା ମାତ୍ରେ ଘରର ସିଲିଂରେ ନୀଳ ଆକାଶର ପ୍ରତିବିମ୍ବ ଦେଖାଯିବ, ଯେଉଁଥିରେ ସୁନେଲି ରଙ୍ଗର ତାରା ଗୁଡ଼ିକ ଝଲସୁଥିବ। ଥରେ ଭାବିଲେ କେମିତି ଥିବ ଉକ୍ତ ଦୃଶ୍ୟଟି! ନିହାତି ମନଲୋଭା ହୋଇଥିବ ନା! ସେଥିପାଇଁ ତ ଏହି ଖଟର ଦାମ୍ ପ୍ରାୟ ୫୦ ହଜାର ଡଲାର୍ ରଖାଯାଇଛି।



## ପାଠକୀୟ

ଦିନେ ଓଡ଼ିଶା ପାଇଁ ଷ୍ଟବେରି ଥିଲା ଏକ ବିଦେଶୀ ଫଳ। କିନ୍ତୁ ଏବେ ଏହା ଆଉ ବିଦେଶୀ ହୋଇ ନାହିଁ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଫଳିଲାଣି ଷ୍ଟବେରି। ଆଉ ଚାଷୀମାନେ ଏହାକୁ ନେଇ ସ୍ୱପ୍ନ ଦେଖିବା ଆରମ୍ଭ କଲେଣି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ଷ୍ଟବ୍ରେରି' ଏକ ନିଆରା ଆଲେଖ୍ୟ ଥିଲା। 'ବାସ୍ତୁରେ ଆକ୍ୱାରିୟମ୍', 'ଖରାଦିନେ ଆଲୋଭେରା' ଆଦି ପାଠରୁ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। **– ରଶ୍ମିପ୍ରଭା ଦାସ, ଡୁମୁଡୁମା, ଭୁବନେଶ୍ୱର**

ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ଷ୍ଟବେରି' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଉଦ୍ୟୋଗୀମାନେ ଏହି ବିଷୟ ପଢି ଷ୍ଟ୍ରବେରି ଚାଷ କରିବାକୁ ହୁଏତ କିଛିଟା ସହଜ ଟିପ୍ସ ପାଇପାରିବେ। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଫ୍ଲୋରାଲ୍ ଫ୍ୟାଶନ ସମ୍ପର୍କରେ ବି ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ 'ସର୍ଜନାର ଉତ୍ସ ଅଫୁରନ୍ତ: ବସନ୍ତ କୁମାରୀ ସାମନ୍ତ'ଙ୍କ ଜୀବନି ସମ୍ପର୍କରେ ମଧ୍ୟ ଅନେକ ଅକୁହା କଥା ଜାଣି ଖୁସି ଲାଗିଲା।
**– ପୁଷ୍ପାଞ୍ଜଳୀ ମିଶ୍ର, ଝାରସୁଗୁଡ଼ା**

ସୃଜନ ପୃଷ୍ଠାରୁ 'ବାପା' ଶୀର୍ଷକ ଗପଟି ପଢିଲି, ବେଶ୍ ମନଛୁଆଁ ଥିଲା ଏହାର ବିଷୟବସ୍ତୁ। ସେହିପରି 'ବସନ୍ତ' ଶୀର୍ଷକ କବିତାଟି ବି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଦେଖାଯାଉଥିଲା। ବିଶେଷକରି ଏଥିରେ ସ୍ଥାନିତ ନିକିତାଙ୍କର ଶାଢି ପିନ୍ଧା ଫଟୋଟି ଖୁବ୍ ସୁନ୍ଦର ଲାଗୁଥିଲା। ସେହିପରି 'ଥକି ପଡିଲେଣି ସାରା', 'ଫିଟ୍‌ନେସ୍ ମନ୍ତ୍ର', 'ବିଶ୍ୱରୂପ ଯାହା ଚାହୁଁଥିଲେ', 'ଏଥର ଆକ୍ସନ ଡ୍ରାମା' ଆଦି ପାଠଗୁଡ଼ିକ ବେଶ୍ ତଥ୍ୟପୂର୍ଣ୍ଣ ଥିଲା।
**–ସତ୍ୟ ନାରାୟଣ ରଥ, ସାତଶଙ୍ଖ, ପୁରୀ**

ଗାଳ୍ପିକ, ନାଟ୍ୟକାର ତଥା ଶିକ୍ଷାବିତ୍ ଡ. ସୁଦର୍ଶନ ବାରିକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଅଜବ ମୋବାଇଲ୍ କଭର୍' ପାଠଟି ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ମଡେଲ୍ ମିରର୍‌ରେ ସେଲିନା ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ହାଃ ହାଃ ବି ମଜାଳିଆ ଲାଗୁଥିଲା। **– ସୁକାନ୍ତ ମହାନ୍ତି, ମଧୁବନ, ପୁରୀ**

କର୍ନାଟକର ରେଶମ ସହର ରାମନଗର ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା ଏଥରର ସହରଠୁ ଦୂରରୁ। ବିବିଧା ପୃଷ୍ଠାରେ ସ୍ଥାନିତ 'କାହିଁକି ପିନ୍ଧାଯାଏ ଝୁଣ୍ଟିଆ' ପାଠଟିରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଏଥିସହିତ 'ନିଶଦାଢିର ଶୃଙ୍ଖଳ', '୩ ବର୍ଷର ବାଳକ ଚଳାଉଛି ସୁପର୍ କାର୍','କୁକୁର କଲେ କୋଙ୍ଗା ନୃତ୍ୟ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲେ ହେଁ ପଢିବାକୁ ବହୁତ ମଜା ଲାଗୁଥିଲା। **– ସ୍ମୃତି ରଞ୍ଜନ ତ୍ରିପାଠୀ, ସମ୍ବଲପୁର**

## ବିଶେଷ ଚିଠି



ଧରିତ୍ରୀର ତୁମେ ପ୍ରାଣଧନ
ତୁମ ରୂପରେ ଗୁଣରେ ପୁଣି
କିଣିନିଅ ସଭିଙ୍କର ମନ,
ନାମଟି ତୁମର ଛୁଟିଦିନ
ସେଥିପାଇଁ ତୁମକୁ ଝୁରେ
ମୁହିଁ ସବୁ ରାତି ସବୁ ଦିନ।
ଆହେ ଛୁଟିଦିନ
ଏମିତି ଆସୁଥାଅ ତୁମେ
ସବୁଦିନ।
**–ଜିତେନ୍ଦ୍ର କୁମାର,**
**ପୋଖରୀପୁଟ, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସିଂହାସନ

ସିଂହାସନ! ଯାହାର ନାଁରୁ ହିଁ ବାରି ହୋଇଯାଏ ତା'ର ମର୍ଯ୍ୟାଦା ଓ ଗୁରୁତ୍ୱ। ଶକ୍ତି, ସାମର୍ଥ୍ୟ ଓ ବୀରତ୍ୱର ପ୍ରତୀକ ଇଏ। ଆଉ ମୂଲ, ଅମୂଲମୂଲ। ଏହା ଏମିତି ଏକ ସ୍ଥାନ, ଯାହା ଉପରେ ଉପବିଷ୍ଟ ହେଉଥିବା ବ୍ୟକ୍ତିଙ୍କୁ ଗଣନା କରାଯାଏ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ୍। ଇତିହାସ ସାକ୍ଷୀ ଅଛି ଏଇ ସିଂହାସନ ମୋହରେ ହୋଇଛି କେତେ ଯେ ଷଡ଼ଯନ୍ତ୍ର, କେତେ ଯେ ରକ୍ତପାତ। ଏହାର ଦିବ୍ୟତା, ଭବ୍ୟତା ସବୁବେଳେ ଆକୃଷ୍ଟ କରିଆସିଛି କ୍ଷମତାଲିପ୍ସୁ ମଣିଷକୁ। ଆଉ ଏଥିପାଇଁ ସୃଷ୍ଟି ହୋଇଛି ଅନେକ କଥା ଓ କାହାଣୀ...






ସିଂହାସନ! ଯାହାର ନାଁରୁ ହିଁ ବାରି ହୋଇଯାଏ ତା'ର ମର୍ଯ୍ୟାଦା ଓ ଗୁରୁତ୍ୱ। ଶକ୍ତି, ସାମର୍ଥ୍ୟ ଓ ବୀରତ୍ୱର ପ୍ରତୀକ ଇଏ। ଆଉ ମୂଲ, ଅମୂଲମୂଲ। ଏହା ଏମିତି ଏକ ସ୍ଥାନ, ଯାହା ଉପରେ ଉପବିଷ୍ଟ ହେଉଥିବା ବ୍ୟକ୍ତିଙ୍କୁ ଗଣନା କରାଯାଏ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ୍। ତେଣୁ ଏହି ଭବ୍ୟ ସିଂହାସନ ସବୁବେଳେ ଆକୃଷ୍ଟ କରିଆସିଛି କ୍ଷମତାଲିପ୍ସୁ ମଣିଷକୁ। ଇତିହାସ ସାକ୍ଷୀ ଅଛି ଏହାର ମୋହରେ ଘଟିଛି କେତେଯେ ଷଡଯନ୍ତ୍ର, କେତେ ଯେ ରକ୍ତପାତ। ଅର୍ଥାତ୍ ସିଂହାସନ ସହ ଜଡିତ ରହିଛି ଇତିହାସର ଅନେକ କଥା। ତେବେ କେବଳ ରାଜା ମହାରାଜା ନୁହନ୍ତି, ଇଶ୍ୱରଙ୍କ ଚଳନ୍ତି ପ୍ରତୀମା ବି ବିରାଜମାନ କରନ୍ତି ଦିବ୍ୟ ସିଂହାସନରେ। ସେଇ ସିଂହାସନର କଥା ଏଥରର ପ୍ରଚ୍ଛଦରେ...

**ରତ୍ନ ସିଂହାସନ:** ସେ ରାଜା ମହାରାଜା ହୁଅନ୍ତୁ ଅବା ସମ୍ରାଟ, ସମସ୍ତେ ନୁଆଁନ୍ତି ତାଙ୍କ ପାଖରେ ମସ୍ତକ। ସାରା ବିଶ୍ୱ ତାଙ୍କର ସାମ୍ରାଜ୍ୟ ଓ ସବୁ ରାଜାଙ୍କର ସେ ଆରାଧ୍ୟ। ସେ ହେଉଛନ୍ତି ଜଗତର ନାଥ ଜଗନ୍ନାଥ। ଆଉ ସେ ଯେଉଁ ସିଂହାସନ ଉପରେ ଉପବେଶନ କରିଛନ୍ତି, ସେ ହେଉଛି ପୃଥିବୀ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ଗର୍ଭଗୃହରେ ଥିବା ରତ୍ନ ସିଂହାସନ, ଯାହାକି ରତ୍ନ ବେଦୀ, ରତ୍ନ ମଣ୍ଡପ, ମହାବେଦୀ ଆଦି ନାମରେ ପରିଚିତ। ଏହି ରତ୍ନ ସିଂହାସନ ସମ୍ପର୍କରେ **ଜଗନ୍ନାଥ ସଂସ୍କୃତି ଗବେଷକ ଭାସ୍କର ମିଶ୍ର** କୁହନ୍ତି, 'ପବିତ୍ର ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀସୁଦର୍ଶନ, ଶ୍ରୀଦେବୀ, ଭୂଦେବୀ ଓ ମାଧବ ଆଦି ସପ୍ତ ବିଗ୍ରହ ବିରାଜିତ ପୂର୍ବକ ଅତ୍ୟନ୍ତ ପ୍ରାଚୀନ ସମୟରୁ ପୂଜିତ ହୋଇ ଆସୁଛନ୍ତି। ଶ୍ରୀମନ୍ଦିରର ଗର୍ଭଗୃହରେ ଅବସ୍ଥିତ କଳାମୁଗୁନି ପଥରରେ ନିର୍ମିତ ରତ୍ନ ସିଂହାସନର ଲମ୍ବ ୧୬ ଫୁଟ, ଓସାର ୧୩ ଫୁଟ ଓ ଉଚ୍ଚତା ୪ ଫୁଟ। ବହୁ ବର୍ଷ ପୂର୍ବେ ଏହି ରତ୍ନବେଦୀରେ ଶ୍ରୀ ଶଙ୍କରାଚାର୍ଯ୍ୟ, ପଦ୍ମପାଦାଚାର୍ଯ୍ୟ, କୁତାମଚଣ୍ଡୀ ପ୍ରଭୃତି ମୂର୍ତ୍ତି ଅଧିଷ୍ଠିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ଉକ୍ତ ମୂର୍ତ୍ତିଗୁଡ଼ିକୁ ଅପସାରଣ କରାଯାଇଥିଲା। ସଂସ୍କୃତ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ, ବିଷ୍ଣୁଙ୍କ ଶିଳାମୟ ରତ୍ନ ସିଂହାସନ ବା ଅନ୍ତର୍ବେଦୀ ହେଉଛି ପୃଥିବୀର ପବିତ୍ରତମ ସ୍ଥାନ। ଜନଶ୍ରୁତି ଅନୁଯାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଅଧିଷ୍ଠାନ ରତ୍ନବେଦୀ ଲକ୍ଷେ ଜୀବନ୍ତ ଶାଳଗ୍ରାମ ଉପରେ ପ୍ରତିଷ୍ଠିତ। ଇତିହାସ କହେ, ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର କାରୁକାର୍ଯ୍ୟପୂର୍ଣ୍ଣ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ରତ୍ନ ସିଂହାସନ ଅନେକବାର ବିଧର୍ମୀମାନଙ୍କ ଆକ୍ରମଣରେ ଭାଙ୍ଗିଥିଲା। ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ୧୩୬୦ଖ୍ରୀ.ରେ ଦିଲ୍ଲୀର ସୁଲତାନ ଫିରୋଜ ତୋଗଲକ, ଗଙ୍ଗବଂଶୀୟ ରାଜା ଭାନୁଦେବଙ୍କ ରାଜତ୍ୱ କାଳରେ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଲୁଣ୍ଠନ କରିଥିଲେ। ସମ୍ଭବତଃ ସେହି ସମୟରେ ରତ୍ନ ସିଂହାସନ ଭାଙ୍ଗି ତିନୋଟିଯାକ ଚକା ସ୍ଥାନଚ୍ୟୁତ ହୋଇ ଯାଇଥିଲା। ଏ ଘଟଣାର ଦୀର୍ଘ କାଳ ପରେ ୧୭୫୧ରେ ଓଡ଼ିଶା ମରହଟ୍ଟା ଶାସନାଧୀନ ହେଲା। ମରହଟ୍ଟାମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଅତ୍ୟନ୍ତ ଭକ୍ତି କରୁଥିଲେ। ଏହି ସୁଯୋଗ ଦେଖି ଖୋର୍ଦ୍ଧା ରାଜା ବୀର କିଶୋର ଦେବ ତାଙ୍କ ମାତାଙ୍କ ନିର୍ଦ୍ଦେଶକ୍ରମେ ରତ୍ନ ସିଂହାସନର ଜୀର୍ଣ୍ଣୋଦ୍ଧାର ଓ ମରାମତି କଲେ। ପୂର୍ବରୁ ଓଡ଼ିଶା ମୁସଲମାନ ଶାସନାଧୀନ ଥିଲା। ଆଉ ବହୁବାର ସେମାନେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରୁଥିଲେ। ତେଣୁ ସେ ସମୟର ଗଜପତି ମହାରାଜାମାନେ ଶ୍ରୀମନ୍ଦିର ମରାମତି ପାଇଁ ଧ୍ୟାନ ଦେଉ ନ ଥିଲେ। ରାଜା ବୀର କିଶୋର ଦେବ ରତ୍ନ ସିଂହାସନର ଯେଉଁ ମରାମତି କରିଥିଲେ, ତାହା ହିଁ ବର୍ତ୍ତମାନର ରତ୍ନ ସିଂହାସନ।'

**ଗଜପତି ମହାରାଜଙ୍କ ସିଂହାସନ:** ଗଜପତି ମହାରାଜ **ଶ୍ରୀ ଦିବ୍ୟସିଂହ ଦେବ** କୁହନ୍ତି, ଯେଉଁ ସିଂହାସନ ଏବେ ଅଛି ତାକୁ କିଏ ଗଢିଥିଲେ ତା'ର ସଠିକ ତଥ୍ୟ ତ ନାହିଁ। ତେବେ ଏହାକୁ ମୋର ଜେଜେବାପା ଗଜପତି ମହାରାଜ ଶ୍ରୀ ରାମଚନ୍ଦ୍ର ଦେବ ୧୯୨୦-୧୯୩୦ ମସିହା ମଧ୍ୟରେ ତିଆରି କରିଥିବା ଅନୁମାନ କରାଯାଏ। ଏହି ସିଂହାସନ ଅନ୍ୟ ରାଜାଙ୍କ ସିଂହାସନ ଭଳି ନୁହେଁ। ଏହା ଦେଖିବାକୁ ଏକ ବଡ଼ ଖଟୁଲି ବା ଗାଦି ସଦୃଶ। ଏହା ଉପରେ ଗୋଡ ଲମ୍ବାଇ ବସାଯାଇ ନ ଥାଏ, ବରଂ ଚକା ପକାଇ ବସାଯାଏ। ଆମ ପୂର୍ବଜମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ 'ରାଜାଧିରାଜ' ଓ ନିଜକୁ 'ସେବକ' ତଥା 'ରାଉତ' ବୋଲି ମଣିଆସିଛନ୍ତି। ତେଣୁ ମହାପ୍ରଭୁଙ୍କୁ ମର୍ଯ୍ୟାଦା ଦେଇ ଏହି ଗାଦି ସଦୃଶ ସିଂହାସନଟି ତିଆରି କରାଯାଇଥିବା ବିଭିନ୍ନ ଶିଳାଲୀପି ଓ ତାମ୍ରପତ୍ରରୁ ପ୍ରମାଣ ମିଳିଛି। ତା'ସହ ଗାଦିଘରେ ସିଂହାସନରେ ବସି ବୈଦିକ ରୀତି ନୀତିରେ ବିଭିନ୍ନ ଧାର୍ମିକ କାର୍ଯ୍ୟ ବି କରିବାକୁ ହୁଏ। ଏହି ସମୟରେ ସାମ୍ନାରେ ଚଳନ୍ତି ପ୍ରତିମାମାନେ ଖଟୁଲିରେ ବିରାଜମାନ କରନ୍ତି। ଇଶ୍ୱରଙ୍କଠାରୁ ଉଚ୍ଚ ସ୍ଥାନରେ ବସିବା ଇଶ୍ୱରଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା। ଖଟୁଲି ସଦୃଶ ସିଂହାସନଟିକୁ ଗଢାଯିବାର ଏହା ବି ଅନ୍ୟ ଏକ କାରଣ ହୋଇପାରେ।' ଗଜପତି ମହାରାଜଙ୍କ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହନ୍ତି, '' ବିଭିନ୍ନ ଖାସ୍ →




ତ୍ରାବଣକୋରର ହାତୀଦାନ୍ତ ସିଂହାସନ



ତଖତ୍-ଏ-ନିଶାନ


ସିଂହାସନ ଉପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ


ମୟୂର ସିଂହାସନ

ଅବସର ଯେମିତିକି ସ୍ୱଳ୍ପ ସଂଖ୍ୟକ କେତେଜଣ ଗୁରୁତ୍ୱପୂର୍ଣ୍ଣ ବରିଷ୍ଠ ସେବକଙ୍କ ଶାଢ଼ିବନ୍ଧା, ସୁନିଆ, ପୁଷ୍ୟାଭିଷେକ, ନବ କଳେବର, ଷୋଳପୂଜା ଆଦିରେ ଗଜପତି ମହାରାଜ ଏହି ଗାଦି ରୂପକ ସିଂହାସନରେ ଉପବିଷ୍ଟ ହୁଅନ୍ତି। ଆଉ ଏହି ସମୟରେ ବୈଦିକ ମନ୍ତ୍ର ପାଠ କରି ମଙ୍ଗଳାର୍ପଣ ସହ ପଇତାଲାଗି ଓ ଦେବାର୍ଚ୍ଚନ କରାଯାଏ। ସେହି ସମୟରେ ତାଙ୍କ ସାମ୍ନାରେ ଏକ ଛୋଟ ଖଟୁଲି ଉପରେ ପଞ୍ଚଦେବତା ବିରାଜମାନ କରନ୍ତି। ଏହି ସିଂହାସନରେ ଗଜପତି ମହାରାଜଙ୍କ ବ୍ୟତୀତ ଆଉ କାହାର ବସିବାର ଅଧିକାର ନ ଥାଏ। ସିଂହାସନ ଅଭିଷେକର ବି ଏକ ସ୍ୱତନ୍ତ୍ର ପରମ୍ପରା ଅଛି। ପୂର୍ବ ଗଜପତିଙ୍କ ବିୟୋଗ ପରେ ହିଁ ତାଙ୍କର ଉତ୍ତରଦାୟାଦଙ୍କୁ ଏହି ସିଂହାସନରେ ଅଭିଷିକ୍ତ କରାଯାଏ। ଗଜପତି ମହାରାଜଙ୍କ ସିଂହାସନ ରୁପାରେ ତିଆରି ଓ ତା'ଉପରେ ସୁନାର ଛାଉଣି ହେବା ସହ ସୁନାର କାରୁକାର୍ଯ୍ୟ ବି କରାଯାଇଛି। ଏଥିରେ ମଖମଲର ଗଦି, ତକିଆ ପଡ଼ିଥାଏ। ସିଂହାସନ ଚାରିପଟେ ରୁପା ବାଡ଼ିଥାଏ, ଯାହା ସାହାରାରେ ମହାରାଜଙ୍କ ମସ୍ତକ ଉପରେ ଛତା ସଦୃଶ ସୁନାରୁପା ତାରରେ କାରୁକାର୍ଯ୍ୟ ହୋଇଥିବା ଏକ ସୁନ୍ଦର ଚାନ୍ଦୁଆ ରହିଥାଏ। ଏହି ସିଂହାସନ ଯେଉଁ ସ୍ଥାନରେ ଅଛି, ତାକୁ 'ଗାଦିଘର' ବା 'ଦେବାର୍ଚ୍ଚନ ଘର' ବୋଲି କୁହାଯାଏ। ସିଂହାସନର ପଛଭାଗ ବା ପିଠିପଟରେ ଲତାପତ୍ର, ସିଂହର କାରୁକାର୍ଯ୍ୟ ହୋଇଛି। ତା'ସହ ଶ୍ରୀମନ୍ଦିର ଚୂଡ଼ା ଓ ଗଜର କାରୁକାର୍ଯ୍ୟ ହୋଇଥିବା ରାଜକୀୟ ପ୍ରତୀକ ବି ଅଛି।''

**ପାରଳା ରାଜବଂଶଙ୍କ ସିଂହାସନ:** ପାରଳା ଗଜପତି ରାଜବଂଶର ରାଜକାର୍ଯ୍ୟ ଯେତିକି ପ୍ରଜାବତ୍ସଳ, ସେତିକି ନିରାଡ଼ମ୍ବର ରହିଥିଲା। ବରିଷ୍ଠ ବୁଦ୍ଧିଜୀବୀ ଗୁରୁ ଗୌରବ ଗୌରଚନ୍ଦ୍ର ପଣ୍ଡା କୁହନ୍ତି, ''୧୮୦୦ ଶତାବ୍ଦୀ ପୂର୍ବରୁ ରାଜ୍ୟର କାର୍ଯ୍ୟ ରାଜାଙ୍କ ତତ୍ତ୍ୱାବଧାନରେ ଚାଲୁଥିଲା। ହେଲେ ନା ରାଜାଙ୍କର ସ୍ୱତନ୍ତ୍ର ଉଆସ ଥିଲା ନା ଥିଲା ସିଂହାସନ! ଏହା ପଛରେ ମୁଖ୍ୟ କାରଣ ଥିଲା ଜମିଦାରି ପ୍ରଥା ଏବଂ ବାରମ୍ବାର ରାଜଧାନୀ ପରିବର୍ତ୍ତନ। ହେଲେ ୧୮୭୦ ବେଳକୁ ଶେଷରେ ପାରଳାଖେମୁଣ୍ଡିକୁ ପାରଳା ରାଜ୍ୟର ରାଜଧାନୀ କରିବା ନିଷ୍ପତ୍ତି ନେଇ ତତ୍କାଳୀନ ପାରଳା ମହାରାଜା ଗୌରଚନ୍ଦ୍ର ଗଜପତି ରାଜଉଆସ ନିର୍ମାଣ କରିଥିଲେ। ସେତେବେଳେ ରାଜାଙ୍କ ସ୍ୱତନ୍ତ୍ର ଉଆସ ନ ଥିଲା। ବର୍ତ୍ତମାନର ରାଜଉଆସ ପଛରେ ଥିବା ଢାବାବାଡ଼ରେ ଗୋଟିଏ ଛାତଘର ରହିଥିଲା, ସେଠାରେ ରାଜ ଗୌରଚନ୍ଦ୍ର ଗଜପତି ରହି ରାଜକାର୍ଯ୍ୟ ଚଳାଉଥିଲେ। ହେଲେ ୧୮୮୫ ମସିହାରେ ରାଜଉଆସ କାର୍ଯ୍ୟ ଶେଷ ହୋଇଥିଲା। ସେତେବେଳେ ରାଜଉଆସ ନିର୍ମାଣରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ସେହି ସମୟରେ ରାଜାଙ୍କ ସିଂହାସନ ବି ନିର୍ମାଣ କରାଯାଇଥିଲା। କିନ୍ତୁ ଅନ୍ୟାନ୍ୟ ବଡ଼ ବଡ଼ ରାଜାଙ୍କ ଭଳି କୌଣସି ସ୍ୱତନ୍ତ୍ର ସିଂହାସନ ନୁହେଁ। କେବଳ ଗୋଟିଏ ସୁନ୍ଦର ଚଉକି ଆକାରର ସିଂହାସନ ନିର୍ମାଣ ହୋଇଥିଲା। ୧୮୯୨ ମସିହାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଜନ୍ମଗ୍ରହଣ କରିଥିଲେ। ପାରଳା ରାଜବଂଶ ରାଜକାର୍ଯ୍ୟକୁ ଯେତିକି ଗୁରୁତ୍ୱ ଦେଉଥିଲେ, ସେତିକି ଗୁରୁତ୍ୱ ସିଂହାସନକୁ ଦେଉ ନ ଥିବା ପାରଳା ରାଜବଂଶ ଉପରେ ଅନୁଧ୍ୟାନ କରୁଥିବା ବୁଦ୍ଧିଜୀବୀ ଓ ଗବେଷକମାନେ ମତପ୍ରକାଶ କରିଛନ୍ତି। ରାଜବଂଶର ପାରମ୍ପରିକ ରୀତିରେ ରାଜ୍ୟାଭିଷେକ କରିଥା'ନ୍ତି ଗଜପତି ପରିବାର। ରାଜାଙ୍କ ବିୟୋଗ ପରେ ତାଙ୍କ ଦାୟାଦ ପରବର୍ତ୍ତୀ ରାଜା ହେବା ପରମ୍ପରା ରହିଛି। ଏହି ନୀତି ଅନୁସାରେ ରାଜାଙ୍କ ବିୟୋଗ ପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବା ପୂର୍ବରୁ ରାଜଗୁରୁ ଓ ରାଜପୁରୋହିତ ତାଙ୍କ ଦାୟାଦଙ୍କୁ ନିଜ ଆଦ୍ୟ ଦେବତା ଓ ନିଜ ଇଷ୍ଟ ଦେବତା ରାମସ୍ୱାମୀ ଓ ମା' ମାନିକେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ହୋମ ଯଜ୍ଞ ପରେ ସିଂହାସନରେ ଅଭିଷିକ୍ତ କରାଇଥା'ନ୍ତି। ଯେଉଁ ଦିନଠାରୁ ରାଜା ଅଭିଷିକ୍ତ ହୁଅନ୍ତି, ସେହି ଦିନଠାରୁ ମା' ମାନିକେଶ୍ୱରୀଙ୍କ ନିକଟରେ ଅଙ୍କକଷା କାର୍ଯ୍ୟକ୍ରମ କରାଯାଏ। ଜୀବନକାଳ ମଧ୍ୟରେ କେତେ ବର୍ଷ ଶାସନ ଗାଦିରେ ବସିଲେ ତାହା ପ୍ରତି ବର୍ଷ ମହାଷ୍ଟମୀ ସମୟରେ ଅଙ୍କ କଷା କାର୍ଯ୍ୟକ୍ରମ ବେଳେ ନୂତନ ସ୍ୱର୍ଣ୍ଣ ଫଳକରେ ଲେଖାଯାଇଥାଏ। ଏହିଭଳି ବଂଶାନୁକ୍ରମିକ ପରମ୍ପରାକୁ ମାନିଚାଲିଛନ୍ତି ପାରଳାର ଗଜପତି ପରିବାର।''


ସିଂହାସନ ଉପରେ ପାରଳା ରାଜବଂଶର ରାଜଜେମା କଲ୍ୟାଣୀ ଦେବୀ


ମହୀଶୂରର ସ୍ୱର୍ଣ୍ଣ ସିଂହାସନ

**ରଣପୁର ରାଜାଙ୍କ ସିଂହାସନ:** ଅତୀତର ରଣପୁର ରାଜବଂଶର ଇତିହାସରୁ ଜଣାପଡ଼େ ଯେ, ରାଜା ଉଦ୍ଧବ ସିଂହ ନରେନ୍ଦ୍ର ୧୪୯୪ ମସିହାଠାରୁ ୧୫୧୭ ମସିହା ପର୍ଯ୍ୟନ୍ତ ରଣପୁର ଗଡ଼ଜାତରେ ରାଜୁତି କରୁଥିଲେ। ସେତେବେଳେ ରାଜା ରଣପୁର ଜଗନ୍ନାଥ ମନ୍ଦିର ନିକଟରେ ୪୬ ଏକର ଜମିରେ ଏକ ବିରାଟ ରାଜପ୍ରାସାଦ ନିର୍ମାଣ କରିଥିଲେ। ରାଜ ଉଆସରେ ରାଜା ବସିବା ପାଇଁ ଏକ ସିଂହାସନ ବି କରିଥିଲେ। ସିଂହାସନଟି ତମ୍ବାରେ ତିଆରି ହୋଇଥିବା ବର୍ତ୍ତମାନର ରାଜା ଦିଲ୍ଲୀପ ଚନ୍ଦ୍ର ସିଂହଦେଓ ପ୍ରକାଶ କରିଛନ୍ତି। ୧୯୯୭ ମସିହାରେ ଏବେକାର ରାଜାଙ୍କ ପରିବାରର ଲୋକମାନେ ସେହି ସିଂହାସନଟିକୁ କୌଣସି କାରଣବଶତଃ ରଣପୁର ରାଜଉଆସରୁ କଟକକୁ ନେଇଯାଇଥିଲେ। ଯାହାଫଳରେ ରଣପୁର ରାଜବାଟୀରେ ଏବେ ସିଂହାସନଟିକୁ ଆଉ ଦେଖିବାକୁ ମିଳୁନି!

**ଧରାକୋଟ ରାଜବଂଶର ସିଂହାସନ:** ଗବେଷକ ଡ. ବିମଳ ପ୍ରସାଦ ପଟ୍ଟନାୟକ କୁହନ୍ତି, ''ଧରାକୋଟ ରାଜ୍ୟ ୧୪୭୬ଖ୍ରୀ.ରେ ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରତିଷ୍ଠାତା ଥିଲେ ରାଜା ହାଡୁ ସିଂହ। ଏହାପୂର୍ବରୁ ଧରାକୋଟ, ସୋରଡ଼ା, ଶେରଗଡ, ବଡ଼ଗଡ଼କୁ ନେଇ ଖିଡିସିଙ୍ଗା ରାଜ୍ୟ ଥିଲା। ବର୍ତ୍ତମାନର ରାଜନଅରରେ ଯେଉଁ ହାତୀଦାନ୍ତରେ ତିଆରି ସିଂହାସନ ଅଛି, ତାହା ରାଜା ମଦନମୋହନ ସିଂହଦେଓଙ୍କ ସମୟରେ ନିର୍ମିତ ହୋଇଛି। କାରଣ ରାଜନଅର ମଧ୍ୟ ଏହି ରାଜାଙ୍କ ସମୟରେ ନିର୍ମିତ ହୋଇଥିବା ପ୍ରମାଣ ରହିଛି। ରାଜା ମଦନ ମୋହନଙ୍କ ରାଜତ୍ୱକାଳ ଖ୍ରୀ. ୧୮୯୫-୧୯୩୭ ଖ୍ରୀ. ଥିଲା। ଏହି ସିଂହାସନ ଯେଉଁ ସ୍ଥାନରେ ରହିଛି, ତା' ତଳଭାଗରେ ଶାଳଗ୍ରାମ ପୋତାଯାଇଛି। ତେଣୁ ସିଂହାସନ ଥିବା ସ୍ଥାନକୁ ଅତି ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଏ। ରାଜାମାନେ ସିଂହାସନ ଆରୋହଣ ପୂର୍ବରୁ ପ୍ରତିଦିନ ପଣ୍ଡିତ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ଆରତି ହେଉଥିଲେ, ଯାହାକୁ ଦେବାର୍ଚ୍ଚନ କୁହାଯାଉଥିଲା। ରାଜା ସିଂହାସନ ଉପରେ ଉପବେଶନ ସମୟରେ ବାମପାର୍ଶ୍ୱରେ ପଣ୍ଡିତମାନେ ବସି ଆଶୀର୍ବଚନ ଦେଉଥିଲେ ଓ ଡାହାଣ ପାଖରେ କରଣ, କାର୍ଜୀ ଏବଂ ବୟୋଜ୍ୟେଷ୍ଠମାନେ ଉପବେଶନ କରୁଥିଲେ।

**ମୟୂର ସିଂହାସନ:** ମୋଗଲ ସାମ୍ରାଜ୍ୟର ସୁବର୍ଣ୍ଣ ଯୁଗ କହିଲେ ଶାହାଜାହାନଙ୍କ ଶାସନକାଳକୁ ଧରାଯାଏ। ସେ ଯେବେ ଶାସନଭାର ସମ୍ଭାଳିଥିଲେ, ଏକ ସୁନ୍ଦର ଓ ବହୁ ମୂଲ୍ୟର ସିଂହାସନ ନିର୍ମାଣ କରାଇଥିଲେ। କୁହାଯାଏ, ସପ୍ତଦଶ ଶତାବ୍ଦୀରେ ତିଆରି ଏହି ସିଂହାସନରେ ଯେତିକି ଖର୍ଚ୍ଚ ହୋଇଥିଲା, ସେତିକି ମୂଲ୍ୟରେ ଦୁଇ ଦୁଇଟି ତାଜମହଲ ଗଢ଼ି ହେବ। ଦୀର୍ଘ ୭ ବର୍ଷ ଲାଗିଥିଲା ଏହି ସିଂହାସନକୁ କରିବା ପାଇଁ।


ଧରାକୋଟ ରାଜବଂଶର ସିଂହାସନ


ଟିପୁ ସୁଲତାନଙ୍କ ସିଂହାସନ


ଶାହାଜାହାନ


ଟିପୁ ସୁଲତାନ


ମହୀଶୂର ସ୍ୱର୍ଣ୍ଣ ସିଂହାସନ

ଏହା ଏକ ଆୟତାକାର ସିଂହାସନ ଥିଲା, ଯାହାର ଲମ୍ବ ୯ ଫୁଟ, ଓସାର ୭.୫ ଫୁଟ ଓ ଉଚ୍ଚତା ୧୫ ଫୁଟ। ସିଂହାସନରେ ଥିବା ଚାରି ଗୋଡ଼ର ଉଚ୍ଚତା ୨ ଫୁଟ ଲେଖାଁ ଥିଲା। ତେଣୁ ସିଂହାସନକୁ ଉଠିବା ଲାଗି ତିନୋଟି ପାହାଚ ଥିଲା। ସିଂହାସନଟି ପ୍ରାୟ ୧୧୫୦ କି.ଗ୍ରା ସୁନାରେ ତିଆରି କରାଯାଇଥିଲା। ସେଥିରେ ୧୮୬ କ୍ୟାରେଟ୍‌ର କୋହିନୁର ହୀରା, ୯୫ କ୍ୟାରେଟ୍‌ର ଆକବର ଶାହ ହୀରା, ୮୮.୭୭ କ୍ୟାରେଟ୍‌ର ଶାହ ହୀରା, ୮୩ କ୍ୟାରେଟ୍‌ର ଜାହାଙ୍ଗୀର ହୀରା ଓ ୩୫୨.୫୦ କ୍ୟାରେଟର ତିମୁର ରୁବି ଖଚିତ ହୋଇଥିଲା। ସିଂହାସନ ଚାରିପଟେ ୨୪ଟି ମୟୂରର କଳାକୃତି ଥିଲା। ଏହାବାଦ୍ ଏକ ବଡ଼ ସୁନାର ମୟୂର ଗମ୍ବୁଜାକାର ସିଂହାସନ ଉପରେ ଥିଲା, ଯାହାର ଛାତିରେ ଏକ ବଡ଼ ରୁବି ଥିଲା। ସେହିଠାରୁ ଏକ ୬୦ କ୍ୟାରେଟ୍‌ର ମୋତି ଝୁଲି ରହିଥିଲା। ଏହାର ଲାଞ୍ଜରେ ବ୍ଲୁ ଶାଫାୟର ଓ ଅନ୍ୟ ରଙ୍ଗବେରଙ୍ଗର ବହୁମୂଲ୍ୟ ରତ୍ନପଥର ଖଚିତ ହୋଇଥିବାବେଳେ ମୟୂରର ପୂରା ଶରୀରରେ ବହୁମୂଲ୍ୟ ରତ୍ନପଥର ଖଚିତ ଥିଲା। ଏହାବାଦ୍ ୧୦୮ଟି ବଡ଼ ଆକାରର ବାଲା ରୁବି, ୧୧୬ଟି ବଡ଼ ବଡ଼ ରଙ୍ଗିନ୍ ଇମେରାଲ୍ଡ ସିଂହାସନରେ ଖଚିତ ଥିଲା। ଶାହାଜାହାନଙ୍କ ମୃତ୍ୟୁପରେ ତାଙ୍କ ପୁଅ ଔରଙ୍ଗଜେବ ଶାସନ ଭାର ସମ୍ଭାଳିଥିଲେ ଓ ଏହି ସିଂହାସନରେ ଆସୀନ ହୋଇଥିଲେ। ଔରଙ୍ଗଜେବଙ୍କ ମୃତ୍ୟୁପରେ ତାଙ୍କ ପୁଅ ବାହାଦୁର ଶାହ ୧ ଶାସନ କରିଥିଲେ। ତାଙ୍କ ମୃତ୍ୟୁ ପରେ ସାମ୍ରାଜ୍ୟର ପତନ ହେବାକୁ ଲାଗିଲା। ଅନେକ ଦୁର୍ବଳ ଶାସକ କିଛି କିଛି ବର୍ଷ ଶାସନ କଲେ। ଶେଷରେ ମହମ୍ମଦ ଶାହ ଶାସକ ହେଲେ। ତାଙ୍କ ଶାସନ କାଳରେ ୧୭୩୯ରେ ଇରାନର ଶାସକ ନାଦିର ଶାହ ଦିଲ୍ଲୀ ଉପରେ ଆକ୍ରମଣ କରିଥିଲେ। ଆଉ ସେ ମହମ୍ମଦ ଶାହଙ୍କୁ ପରାସ୍ତ କରି ଦିଲ୍ଲୀକୁ ନିଜ ଅଧୀନକୁ ନେଇଗଲେ। ଇରାନ ଫେରିବାବେଳେ ମୟୂର ସିଂହାସନକୁ ନିଜ ବିଜୟର ସନ୍ତକଭାବେ ସାଙ୍ଗରେ ନେଇଯାଇଥିଲେ। ନାଦିର ଶାହ ମୟୂର ସିଂହାସନ ନେଇଯିବା ପରେ ମୋଗଲ ରାଜାମାନଙ୍କ ପାଇଁ ସେହିଭଳି ଆଉ ଏକ ସିଂହାସନ ତିଆରି କରାଯାଇଥିଲା, ଯାହାକୁ ଦିଲ୍ଲୀର ଦିୱାନ-ଇ-ଖାସ୍‌ରେ ରଖାଯାଇଥିଲା। ଉକ୍ତ ସିଂହାସନ ଦେଖିବାକୁ ଅବିକଳ ମୟୂର ସିଂହାସନ ପରି ଥିଲା। କିନ୍ତୁ ଆକାରରେ କିଛିଟା ଛୋଟ ଓ ତା'ର ମୂଲ୍ୟ ପ୍ରକୃତ ମୟୂର ସିଂହାସନଠାରୁ କମ୍ ଥିଲା। କୁହାଯାଏ, ପ୍ରକୃତ ମୟୂର ସିଂହାସନ କେମିତି ଥିଲା ତା'ର କିଛି ଚିତ୍ର ନାହିଁ। ଆଉ ଯେଉଁ ଚିତ୍ରଟିକୁ ମୟୂର ସିଂହାସନର ବୋଲି କୁହାଯାଉଛି, ତାହା ପରବର୍ତ୍ତୀ ସମୟରେ ନିର୍ମିତ ମୟୂର ସିଂହସନର ଅଟେ ; ଯାହାକୁ କି ପ୍ରକୃତ ସିଂହାସନକୁ ଦେଖିଥିବା ଲୋକଙ୍କ ବର୍ଣ୍ଣନାରୁ ନିର୍ମାଣ କରାଯାଇଥିଲା।

**ମହୀଶୂରର ସ୍ୱର୍ଣ୍ଣ ସିଂହାସନ:** ମହୀଶୂର ମହଲର ଦରବାର ହଲ୍‌ରେ ରଖାଯାଇଥିବା ସ୍ୱର୍ଣ୍ଣ ସିଂହାସନ ୱାଡିୟାର ରାଜବଂଶର ବହୁମୂଲ୍ୟ ସମ୍ପତ୍ତି ମଧ୍ୟରେ ଅନ୍ୟତମ। ଡିମିରି କାଠରେ ତିଆରି ଉକ୍ତ ସିଂହାସନକୁ କନ୍ନଡରେ 'ଚିନ୍ନାଦା ସିଂହାସନ' ଓ 'ରତ୍ନ ସିଂହାସନ' ବି କୁହାଯାଏ। ଏହାକୁ ହାତୀଦାନ୍ତ ପଟ୍ଟିକାରେ ସଜାଯାଇଛି। ଏଥିରେ ସୁନା, ରତ୍ନପଥର ଖଚିତ ହେବା ସହ ରୁପାର ପ୍ରତିମୂର୍ତ୍ତି ବି ଅଛି। ଏଥିରେ ସଂସ୍କୃତର ଶ୍ଳୋକ ବି ଖୋଦିତ ହୋଇଛି। ସିଂହାସନର ହାତରେ ଅଧା ହାତୀ, ଅଧା ସିଂହର କଳାକୃତି ଅଛି। ଏହି ସିଂହାସନର ଦକ୍ଷିଣ ଭାଗରେ ବ୍ରହ୍ମା, ଉତ୍ତରରେ ଶିବ, ମଝିଭାଗରେ ବିଷ୍ଣୁଙ୍କ ମୂର୍ତ୍ତି ଅଛି। ବିଜୟର ପ୍ରତୀକଭାବେ ସିଂହର ମୂର୍ତ୍ତି ଅଛି। ସିଂହାସନର ତିନି ଧାରରେ ୨ଟି ଘୋଡ଼ା, ୨ଟି ବାଘ, ୪ଟି ହଂସ ଚିତ୍ର ଖୋଦିତ ହୋଇଛି। ସିଂହାସନ ପଛଭାଗରେ ମହୀଶୂର ରାଜାଙ୍କ ରାଜକୀୟ ପ୍ରତୀକ ରହିଛି। ସିଂହାସନର ଉଚ୍ଚତା ୨.୨୫ ମିଟର। ସିଂହାସନ ଉପରେ ଥିବା ରାଜକୀୟ ଛତା ରତ୍ନ ପଥରରେ ଖଚିତ। ପୌରାଣିକ କଥାନୁସାରେ ଏହି ସିଂହାସନ ପ୍ରଥମେ ମହାଭାରତର ପାଣ୍ଡବମାନଙ୍କର ଥିଲା। କାମପିଲି ରାଜ୍ୟର କାମ୍ପିଲିରାୟ ଏହାକୁ ହସ୍ତିନାପୁରରୁ ପେନୁଗୋଣ୍ଡା (ଯାହାକି ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି)କୁ ନେଇ ଆସିଥିଲେ। ଆଉ ମାଟିତଳେ ପୋତି ଦେଇଥିଲେ। ଚତୁର୍ଦ୍ଦଶ ଶତାବ୍ଦୀରେ ବିଜୟନଗରର ସଂସ୍ଥାପକଙ୍କ ମଧ୍ୟରୁ ଅନ୍ୟତମ ହରିହର ୧ଙ୍କୁ ବିଜୟନଗର ରାଜାଙ୍କ ନୀତିବକ୍ତା ବିଦ୍ୟାରାନ୍ୟ ସିଂହାସନ ପୋତା ଯାଇଥିବା ସ୍ଥାନ ଦେଖାଇଥିଲେ। ଆଉ ସେ ସିଂହାସନଟିକୁ ସେହି ସ୍ଥାନରୁ ଉଦ୍ଧାର କରି ଆଣିଥିଲେ। ପରେ ଏହି ସିଂହାସନକୁ ବିଜୟନଗରର ରାଜାମାନେ ଆମେଗୋଣ୍ଡିରେ ଦଶବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବହାର କରିଥିଲେ। ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭବେଳକୁ ବିଜୟନଗରର ଗଭର୍ନର ସିଂହାସନକୁ ନେଇ ଯାଇଥିଲେ। ୧୬୦୯ରେ ସେ ଏହାକୁ ରାଜା ୱାଡିୟାରଙ୍କୁ ଦେଇଥିଲେ। ୧୬୧୦ରେ ସେ ଏହି ସିଂହାସନ ଆରୋହଣ କରିଥିଲେ। ବର୍ତ୍ତମାନ ଉକ୍ତ ସିଂହାସନକୁ ପ୍ରସିଦ୍ଧ ବାର୍ଷିକ ଦଶହରା ସମାରୋହ ସମୟରେ ସାଧାରଣ ଜନତାଙ୍କ ପାଇଁ ପ୍ରଦର୍ଶନ କରାଯାଉଛି।

**ତଖତ୍-ଏ-ନିଶାନ:** ହାଇଦ୍ରାବାଦର ଚୌମହଲ ପ୍ୟାଲେସ୍‌ରେ ହାଇଦ୍ରାବାଦର ନିଜାମମାନଙ୍କର ସିଂହାସନ ଏବେବି ଦରବାର ହଲ୍‌ରେ ପ୍ରଦର୍ଶିତ ହେଉଛି। ଏହା 'ଖିଲ୍‌ବତ ମୁବାରକ' ନାମରେ ବି ପରିଚିତ। ୧୭୨୪-୧୯୪୮ ପର୍ଯ୍ୟନ୍ତ ଏହା ଆସଫ୍ ଜାହି ରାଜବଂଶର ସିଂହାସନ ଥିଲା। ଏହି ସିଂହାସନ ଶୁଦ୍ଧ ମାର୍ବଲରେ ତିଆରି, ଯାହାକି ମହଲର ମଧ୍ୟଭାଗରେ ରହିଛି। ଏଥିରେ କୌଣସି ସୁନା କି ରତ୍ନ ଜଡ଼ିତ ହୋଇ ନାହିଁ। ବେଲ୍‌ଜିୟମ୍‌ରୁ ଆସିଥିବା ୧୯ଟି ବିସ୍ମୟକାରୀ ଝୁମର୍ ମଝିରେ ଏହା ରହିଛି।

**ରଣଜିତ ସିଂହଙ୍କ ସ୍ୱର୍ଣ୍ଣ ସିଂହାସନ:** ମହାରାଜା ରଣଜିତ ସିଂହ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ଊନବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଶିଖ ସାମ୍ରାଜ୍ୟ ଉପରେ ଶାସନ କରିଥିଲେ। ସେ 'ଶେର୍-ଏ-ପଞ୍ଜାବ' ଭାବେ ବେଶ୍ ପରିଚିତ ଥିଲେ ଓ ଶିଖ୍ ସାମ୍ରାଜ୍ୟର ପ୍ରଥମ ମହାରାଜା ଥିଲେ। ପ୍ରସିଦ୍ଧ କୋହିନୁର ହୀରା ଓ ତୈମୁର ମାଣିକର ଅଂଶକାଳିକ ମାଲିକ ବି ସେ ଥିଲେ। ରାଜା ରଣଜିତ ସିଂହ ଜଣେ ସାଧାରଣ ବ୍ୟକ୍ତି ଭାବେ ଅଧିକ ପରିଚିତ ଥିଲେ ; ଯେ କି ସାଦା ପୋଷାକ ପିନ୍ଧିବା ଓ ଭୂମି ଉପରେ ଅବା ଚେୟାରରେ ବସିବାକୁ ପସନ୍ଦ କରୁଥିଲେ। ତେବେ ତାଙ୍କ ପାଖରେ ଏକ ରାଜକୀୟ ସିଂହାସନ ବି ଥିଲା, ଯାହାର ବ୍ୟବହାର ସେ ରାଜ୍ୟର ଖାସ୍ ଅବସରରେ କରୁଥିଲେ। ୧୮୨୦-୧୮୩୦ ମଧ୍ୟରେ ମୁସ୍‌ଲିମ ବଣିଆ ହାଫେଜ ମହମ୍ମଦ ମୁଲତାନି ସେହି ସିଂହାସନଟିକୁ ଗଢ଼ିଥିଲେ। ଅଷ୍ଟକୋଣୀୟ ସେହି ସିଂହାସନର ଲମ୍ବ ୩ ଫୁଟ ଓ ଓସାର ବି ପ୍ରାୟ ସେତିକି ହିଁ ଥିଲା। ସୁନାରେ ତିଆରି ଏହି ସିଂହାସନରେ ଅନେକ ବହୁମୂଲ୍ୟ ଅଳଙ୍କାର ଖଚିତ ଥିଲା। ୧୮୪୯ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପଞ୍ଜାବ ଉପରେ କବ୍‌ଜା କରିବା ପରେ ଏଥିରେ ଲାଗିଥିବା ଅଧିକାଂଶ ଗହଣାକୁ ଲାହୋରରେ ନିଲାମ କରିଥିଲା। ପରେ ଏହାକୁ ଲଣ୍ଡନ ନିଆଯାଇଥିଲା ଓ ୧୮୫୧ର ବିରାଟ ପ୍ରଦର୍ଶନୀରେ ବ୍ରିଟିଶ୍ ସାମ୍ରାଜ୍ୟର ଅନ୍ୟ ବହୁମୂଲ୍ୟ ସାମଗ୍ରୀ ସହ ଏହି ସିଂହାସନକୁ ବି ପ୍ରଦର୍ଶନ କରାଯାଇଥିଲା। ଏବେ ଏହା ଭିକ୍ଟୋରିଆ ଆଣ୍ଡ ଅଲବର୍ଟ ମ୍ୟୁଜିୟମରେ ପ୍ରଦର୍ଶିତ ହେଉଛି।

**ଟିପୁ ସୁଲତାନଙ୍କ ବାଘ ସିଂହାସନ:** ସୁଲତାନ ଫତେହ ଅଲ୍ଲି ସାହେବ ଟିପୁ, ବେଶ୍ ପରିଚିତ ଥିଲେ ଟିପୁ ସୁଲତାନ ନାମରେ। ତାଙ୍କୁ ମହୀଶୂରର ବାଘ ବୋଲି ମଧ୍ୟ କୁହାଯାଉଥିଲା। ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ସେ ଥିଲେ ସବୁଠୁ ବଡ଼ ଶତ୍ରୁ। କଳା ସ୍ଥାପତ୍ୟ ପାଇଁ ତାଙ୍କର ଥିଲା ବେଶ୍ ଭଲପାଇବା। ଆଉ ତାଙ୍କର ବାଘ ସିଂହାସନ ଥିଲା ସୁନ୍ଦର କାରୁକାର୍ଯ୍ୟ ଓ ସ୍ଥାପତ୍ୟର ଏକ ଅନନ୍ୟ ଉଦାହରଣ। ସିଂହାସନକୁ ଏଭଳି ତିଆରି କରାଯାଇଥିଲା ଯେ, ଲାଗୁଥିଲା ସତେଯେମିତି ପୂରା ସିଂହାସନଟି ଏକ ବାଘର ପିଠି ଉପରେ ଥିଲା। ଅଷ୍ଟକୋଣୀୟ ଏହି ସିଂହାସନର ଢାଞ୍ଚା କାଠରେ ତିଆରି ହୋଇଥିଲା, ଯାହା ଉପରେ ଶୁଦ୍ଧ ସୁନାର ଛାଉଣି ହୋଇଥିଲା। ଆଉ ସେହି ଢାଞ୍ଚାଟି ସୁନା ଛାଉଣି ଏକ କାଠର ବାଘ ପିଠି ଉପରେ ରହିଥିଲା। ତା'ସହ ଢାଞ୍ଚାର ଆଠ କୋଣରେ ଆଠଟି ବାଘ ଗୋଡ଼ ସିଂହାସନକୁ ସନ୍ତୁଳନ ରକ୍ଷା କରି ରଖିଥିଲା। ସେହି ଅଷ୍ଟକୋଣୀୟ ଢାଞ୍ଚା ଉପରେ ୧୦ଟି ସୁନାର ବାଘମୁଣ୍ଡ ବି ରହିଥିଲା। ସେହି ବାଘମୁଣ୍ଡଗୁଡ଼ିକ ବହୁମୂଲ୍ୟ ରତ୍ନପଥରରେ ଖଚିତ ହୋଇଥିଲା। ସିଂହାସନ ଉପରେ ଏକ ସୁବର୍ଣ୍ଣ ଛତା ବି ଥିଲା। ସୁନାର ସୂତାରେ ମୋତି ଗୁନ୍ଥା ଯାଇ ତାହାକୁ ସଜାଯାଇଥିଲା। ଏହି ଛତା ଉପରେ ରତ୍ନ ଖଚିତ ସୁନ୍ଦର ହୁମା ଚଢ଼େଇର ସୁନା ପ୍ରତିମୂର୍ତ୍ତି ରହିଥିଲା। ଯାହାର ମୟୂର ପରି ଲମ୍ବା ଲାଞ୍ଜରେ ମୋତି ଓ ରତ୍ନପଥର ଖଚିତ ହୋଇଥିଲା। ୧୭୯୯ରେ ସେରିଙ୍ଗପଟ୍ଟମର ଘେରାବନ୍ଦି ପରେ ଟିପୁ ସୁଲତାନଙ୍କୁ ଇଂରେଜମାନେ ହରାଇଥିଲେ। ଆଉ ତାଙ୍କ ସମ୍ପତ୍ତିକୁ ଇଂରେଜମାନେ ଲୁଟି ନେଇଥିଲେ। ତା'ସହ ତାଙ୍କର ଭବ୍ୟ ବାଘ ସିଂହାସନକୁ ବି ସେମାନେ ଭାଙ୍ଗି ଦେଇଥିଲେ। ଏବେ କେବଳ ସିଂହାସନ ଅଷ୍ଟକୋଣୀୟ ଢାଞ୍ଚା ଉପରେ ଥିବା ସୁନାର ବାଘମୁଣ୍ଡ ଓ ସୁବର୍ଣ୍ଣ ଛତା ଉପରେ ଥିବା ସୁନା ହୁମା ଚଢ଼େଇକୁ ସାଇତି ରଖାଯାଇଛି।


**ତ୍ରାବଣକୋରର ହାତୀଦାନ୍ତ ସିଂହାସନ:** ୧୭୨୯ରୁ ୧୯୪୯ ମସିହା ପର୍ଯ୍ୟନ୍ତ ତ୍ରାବଣକୋର ଭାରତର ଏକ ରାଜ୍ୟ ଥିଲା, ଯାହାକୁ ପଦ୍ମନାଭପୁରମ୍‌ର ତ୍ରାବଣକୋର୍ ରାଜପରିବାର ଶାସନ କରୁଥିଲେ। ତ୍ରାବଣକୋର୍ ହାତୀଦାନ୍ତ କାରୁକାର୍ଯ୍ୟ ପାଇଁ ସାରା ଭାରତରେ ବେଶ୍ ପ୍ରସିଦ୍ଧ ଥିଲା। ତ୍ରାବଣକୋର ରାଜବଂଶର ହାତୀଦାନ୍ତରେ ତିଆରି ଏକ ସିଂହାସନ ବି ଥିଲା, ଯାହାକି ବେଶ୍ ପ୍ରସିଦ୍ଧ ଥିଲା। ଏଥିରେ ହୀରା, ମୋତି, ମାଣିକ ଖଚିତ ହୋଇଥିଲା। ଏହାର ଡିଜାଇନ୍‌ରେ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ କଳାର ଛାପ ଦେଖିବାକୁ ମିଳୁଥିଲା। ସିଂହାସନର ଗୋଡ଼ ସିଂହର ପଞ୍ଝା ପରି ହେବାବେଳେ ହାତରେ ଥିଲା ସିଂହର ମୁଣ୍ଡ।

**ଛତ୍ରପତି ଶିବାଜୀଙ୍କ ସିଂହାସନ:** ୧୬୭୪ ଜୁନ୍ ୬ରେ ଛତ୍ରପତି ଶିବାଜୀ ମରାଠାମାନଙ୍କର ରାଜା ଭାବେ ସିଂହାସନରେ ଅଧିଷ୍ଠିତ ହୋଇଥିଲେ। ସେ ଯେଉଁ ସିଂହାସନରେ ଆସୀନ ହୋଇଥିଲେ, ତାହା ଥିଲା ବହୁ ମୂଲ୍ୟବାନ। ସୁନାରେ ତିଆରି ଏହି ସିଂହାସନରେ ଅନେକ ଦାମୀ ରତ୍ନପଥର ଖଚିତ ହୋଇଥିଲା। କୁହାଯାଏ, ତାଙ୍କ ସୁବର୍ଣ୍ଣ ସିଂହାସନର ଓଜନ ୧୨୮୦ ଟନ୍ ଥିଲା। ସିଂହାସନ ଆରୋହଣର ୬ ବର୍ଷ ପରେ ୧୬୮୦ରେ ଶିବାଜୀଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁପରେ ତାଙ୍କ ବଡ଼ ପୁଅ ଶାମ୍ଭାଜୀ ରାଜା ହୋଇଥିଲେ। ଆଉ ଶାମ୍ଭାଜୀଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ସାବତ ଭାଇ ରାଜାରାମ ରାଜା ହୋଇଥିଲେ। ସେହି ସମୟରେ ରାଇଗଡ ଦୁର୍ଗ ଉପରେ ମୋଗଲମାନେ ଆକ୍ରମଣ କରି କବ୍‌ଜା କରିନେଲ। ଆଉ ରାଜାରାମ ଦକ୍ଷିଣ ଭାରତକୁ ଖସି ପଳାଇଥିଲେ। ସମ୍ରାଟ୍ ଔରଙ୍ଗଜେବ ଶିବାଜୀ ମହାରାଜଙ୍କ ରାଜସିଂହାସନ ବିଷୟରେ ଜାଣିଥିଲେ। ତେଣୁ ତାକୁ ନେବାକୁ ଚାହିଁଥିଲେ। ହେଲେ ରାଜସିଂହାସନଟି ମହଲରେ ନ ଥିଲା।

ଏବେ ନାହିଁ ସେ ରାଜତନ୍ତ୍ର କି ନାହାନ୍ତି ସେ ରାଜା ମହାରାଜା। ହେଲେ ଅଛି ସେଇ ସିଂହାସନ, ଯାହା ଉପରେ ବସି ଦିନେ ପ୍ରବଳପ୍ରତାପୀ ରାଜା ମହାରାଜାମାନେ କରୁଥିଲେ ଶାସନ। ଆଉ ସେଇ ସିଂହାସନ ହିଁ କହେ ଆମ ଗୌରବମୟ ଇତିହାସର କଥା।

**- ଶିବାନୀ ମହାନ୍ତି**

**ତଥ୍ୟ- ଗିରିଧାରୀ ପରିଚ୍ଛା, ସୁକାନ୍ତ ଡାକୁଆ, ବିଷ୍ଣୁ କେଶରୀ ଆଚାର୍ଯ୍ୟ**


ମହାରାଜା ରଣଜିତ ସିଂହ




# ବ୍ରଜଙ୍କ ସୃଜନ ସଂସାର



**ଏକାଧାରରେ ସେ ଜଣେ ଚିତ୍ରଶିଳ୍ପୀ, ସ୍ଥପତି, ଲେଖକ ଓ କଳାକାର। ନିଜର ସୃଜନଶୀଳତା ପାଇଁ କେବେ ସେ କଲମ ଧରନ୍ତି ତ କେବେ ରଙ୍ଗତୂଳୀ ପୁଣି କେବେ ନିହାଣ ମୁଗର..**



ନିଜ ଘରଠାରୁ ପ୍ରାୟ ୭ କି.ମି. ଦୂରରେ ସେ କରିଛନ୍ତି ତାଙ୍କର ଏକ ପଥର ଖୋଦେଇ କଳାକେନ୍ଦ୍ର। ପ୍ରତିଦିନ ସକାଳୁ ସକାଳୁ ଏଠାକୁ ସେ ସାଇକେଲ ଧରି ଆସନ୍ତି। କର୍ମସ୍ଥଳୀରେ ବିଭିନ୍ନ କଳାକୃତି ଗଢ଼ିବାରେ ନିମଗ୍ନ ରୁହନ୍ତି। ଏହି ସାଧନାରେ ତାଙ୍କର ପ୍ରାୟ ୪ ଦଶନ୍ଧି ବିତିଗଲାଣି। ଏକାଧାରରେ ସେ ଜଣେ ଚିତ୍ରଶିଳ୍ପୀ, ସ୍ଥପତି, ଲେଖକ ଓ କଳାକାର। ତାଙ୍କ ସାଧନାରେ କେବେ ସେ କଲମ ତ କେବେ ରଙ୍ଗତୂଳୀ ପୁଣି କେବେ ନିହାଣ ମୁଗର ଧରନ୍ତି। କାଠ, ବାଉଁଶ, ମାଟି, ପଥର, ଫାଇବର, ସିମେଣ୍ଟ ଓ କାନ୍‌ଭାସ ଆଦିରେ ତିଆରି କରନ୍ତି ଅନେକ ସୁନ୍ଦର ସୁନ୍ଦର କଳାକୃତି। ଏମିତିରେ ଯାତ୍ରାପାର୍ଟିର ସିନ୍ ଓ ସିନେରି ତିଆରିଠାରୁ ଆରମ୍ଭକରି ପଥର ଖୋଦେଇ କଳାରେ ସେ ସିଦ୍ଧହସ୍ତ। ମାତ୍ର ଏଥିପାଇଁ କୌଣସି ଶିକ୍ଷାନୁଷ୍ଠାନରେ ସେ ବିଧିବଦ୍ଧଭାବେ ପାଠ ପଢ଼ିନାହାନ୍ତି କି କେଉଁଠୁ ତାଲିମ ପାଇନାହାନ୍ତି। କେବଳ ନିଜର ନିଷ୍ଠା ଓ ସାଧନାବଳରେ ତାଙ୍କୁ ମିଳିଛି ଅନେକ ସଫଳତା। ଲଳିତକଳା ଏକାଡେମୀ ସମେତ ଅନେକ ଅନୁଷ୍ଠାନରୁ ତାଙ୍କୁ ପୁରସ୍କାର ଓ ସମ୍ମାନ ମିଳିଛି। ସେ ହେଲେ ଶିଳ୍ପୀ **ବ୍ରଜକିଶୋର ଜେନା**। ଜନ୍ମ ୧୯୫୭ ମସିହାରେ। ପିତା ଜଗବନ୍ଧୁ ଜେନା, ମାତା ରୁକ୍ମଣୀ ଦେଇ। ଘର ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ମହୁମୁହାଣ ପଞ୍ଚାୟତର ଗୋହିରାପଦା ଗାଁରେ। ସେ କୁହନ୍ତି, ୬ଷ୍ଠ ଶ୍ରେଣୀ ଯାଏ ପଢ଼ିଲି। ତା'ପରେ ପାଠପଢ଼ାରେ ଡୋରି ବନ୍ଧାହେଲା, ହେଲେ ସ୍କୁଲ ବୟସରୁ ଚିତ୍ରକଳା ପ୍ରତି ରୁଚି ଥିଲା। ସେଥିପାଇଁ ବିଭିନ୍ନ ମୂର୍ତ୍ତି ଦେଖିବାକୁ ଭଲ ପାଉଥିଲି। ପେନ୍‌ସିଲରେ ବିଭିନ୍ନ ଚିତ୍ର ଅଙ୍କନ କରୁଥିଲି। ପରେ ବିଭିନ୍ନ ରଙ୍ଗରେ ପେଣ୍ଟିଂ କଲି । ତା'ପରେ ମାଟିରେ ଗଣେଶ, ସରସ୍ୱତୀଙ୍କ ମୂର୍ତ୍ତି ଗଢ଼ିଲି। ଚାରିଆଡ଼େ ବୁଲି ବୁଲି ବିଭିନ୍ନ କଳାକାରିଗରି କାମ କରୁଥିଲି। କିନ୍ତୁ ପରିବାରରେ ଏହି କଳାକାରିଗରି କାର୍ଯ୍ୟ କରିବାକୁ ବାରଣ କରୁଥିଲେ। କାରଣ ସେମାନଙ୍କର ଏକ ଭୁଲ ଧାରଣା ଥିଲା ଯେ, ଶିଳ୍ପୀ କାରିଗରମାନଙ୍କର କୁଆଡ଼େ ସନ୍ତାନସନ୍ତତି ହୁଏନା। ଗାଁରେ ଥରେ ଜଣେ କାରିଗର ଏକ ଗଣେଶ ମୂର୍ତ୍ତି ଗଢୁଥିଲେ, ତାଙ୍କୁ ଏଥିରେ ସହଯୋଗ କରିଥିଲି। ଏଥିପାଇଁ ସେ ମୋତେ କିଛି ଟଙ୍କା ଦେଇଥିଲେ । ପରେ ସେହି ଟଙ୍କାକୁ ଘରେ ଦେଇଥିଲି। ଏଥିରେ ପରିବାର ଖୁସି ହୋଇପଡ଼ିଥିଲେ। ବଡ଼ଭାଇଙ୍କଠାରୁ ଉତ୍ସାହ ପାଇଲି। ଏହାପରେ ପଥର ଖୋଦେଇ କାମ କଲି। ସୋରଠାରେ ଲକ୍ଷ୍ମୀନାରାୟଣ ପଥର ଖୋଦେଇ କଳାକେନ୍ଦ୍ର ପ୍ରତିଷ୍ଠା କରିଛି। ଏଠାରେ ଏକ କଳା ସଂଗ୍ରହାଳୟ ବି କରାଯାଇଛି। ଶତାଧିକ ଛାତ୍ରଙ୍କୁ ଏଠାରେ ପଥର ଖୋଦେଇଠାରୁ ଆରମ୍ଭ କରି ବିଭିନ୍ନ କଳାକାରିଗରି ବିଷୟରେ ତାଲିମ ଦେଇଥାଏ। ବିଶେଷକରି ପାରମ୍ପରିକ ଓ ସମସାମୟିକ ଘଟଣାକୁନେଇ ଅନେକ ପ୍ରକାରର କଳାକୃତି ତିଆରି କରିଛି। ତୈଳଚିତ୍ର, ବିଭିନ୍ନ



ମହାପୁରୁଷଙ୍କ ଅବୟବ ପ୍ରତିମୂର୍ତ୍ତି, ପୁଣି ଆଧୁନିକ ସ୍ଥାପତ୍ୟ କଳାରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ କଳାକାରିଗରି କାର୍ଯ୍ୟ କରିସାରିଛି। ଏହି ମୂର୍ତ୍ତି ଗଢିବା କାରିଗରି ପୂର୍ବରୁ ମୁଁ କିଛିବର୍ଷ କେତୋଟି ଅପେରା ପାର୍ଟିରେ ଯାଇ ଅଭିନୟ କରୁଥିଲି। ବିଭିନ୍ନ ସ୍ଥାନ ବୁଲିବା ସହିତ କେତେକ ଅଞ୍ଚଳରେ ବିଭିନ୍ନ କଳାକୃତି ଦେଖି ଶିଳ୍ପୀମାନଙ୍କ ସହିତ ମିଶିଲି। ଏଥିଯୋଗୁ ଏହି ଦିଗ ପ୍ରତି ଅଧିକ ଆଗ୍ରହ ବଢ଼ିଥିଲା। କଳାକାରିଗରି ସହିତ ରୀତିଯୁଗୀୟ କାବ୍ୟକବିତା ଲେଖିବାକୁ ଭଲ ପାଉଥିଲି। ଯାହାକୁ ନେଇ କେତୋଟି ପୁସ୍ତକ ରଚନା କରିଛି। ସେଥିମଧ୍ୟରୁ ବିଦଗ୍ଧ ରାଧା, ଅପୂର୍ବମିଳନ, ପିଶାଚ ଦାନବ ଆଦି କାବ୍ୟକବିତା ଅନ୍ୟତମ। ଏଥିପାଇଁ ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ଧର୍ମପଦ ସମ୍ମାନରେ ସମ୍ବର୍ଦ୍ଧିତ ହେବାସହିତ ଶତାଧିକ ସଂସ୍ଥାରୁ ପୁରସ୍କୃତ ଓ ସମ୍ମାନିତ ହୋଇଛି। ମୂର୍ତ୍ତିଟିଏ ଗଢିବା ସତରେ ଏତେ ସହଜ କଥା ନୁହେଁ। ଜଣେ ଶିଳ୍ପୀଙ୍କୁ ପଥର ମୂର୍ତ୍ତିଟିଏ ଗଢ଼ିବାକୁ ହୁଏତ ବର୍ଷ ବର୍ଷ ଧରି ସାଧନା କରିବାକୁ ପଡ଼ିଥାଏ। ମାତ୍ର କୌଣସି କାରଣରୁ ଯଦି ଗଢୁଥିବା ମୂର୍ତ୍ତିଟି ଟିକେ ଭାଙ୍ଗିଯାଏ ତେବେ ଶିଳ୍ପୀଙ୍କ ହୃଦୟ ଭାଙ୍ଗିଗଲାପରି ଲାଗେ, ଯାହାର ଯନ୍ତ୍ରଣା ଭାଷାରେ ବୁଝାଇ ହେବନାହିଁ। ତାହା କେବଳ ଅନୁଭବୀ ଶିଳ୍ପୀ ହିଁ ବୁଝିପାରେ। ଏବେ ଲକ୍ଷ୍ମୀନାରାୟଣଙ୍କ ପଥର ଖୋଦେଇ କେନ୍ଦ୍ରରେ ପ୍ରାୟ ୨୦ଜଣ ଶିଳ୍ପୀ କାର୍ଯ୍ୟ କରୁଛନ୍ତି। ସେମାନେ ଏଥିରେ ସେମାନଙ୍କ ପରିବାର ପ୍ରତିପୋଷଣ କରିପାରୁଛନ୍ତି ଏବଂ କଳାର ସାଧନାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

**-ବନବିହାରୀ ବେହେରା**





# ବାପାଙ୍କ ସାର୍ଟ

**-ସୁକାନ୍ତ ସାହୁ**

ଧଳା ଉପରେ ଖଇରିଆ ଚେକ ଥିବା ସେଇ ଜାମାଟି ବାପାଙ୍କର ଢେର ପ୍ରିୟ। ସେଇଟିକୁ ପିନ୍ଧିଲେ ତାଙ୍କୁ ଯୁବକ ଯୁବକ ମନେ ହୁଏ। ସାନ୍ତ୍ରାନ୍ତ ମେଳରେ ସେଇ ଖଣ୍ଡିକ ଘୋଡାଇ ଥାଏ। ବାପାଙ୍କର ଆଉ ଜାମା ନଥିଲା ବୋଲି ମୁଁ କହୁନି। ତାଙ୍କର ଗୋଟେ ଆକାଶ ବର୍ଣ୍ଣର ପଞ୍ଜାବୀ ଥିଲା। ସେଇ ଜମାଟିର ଉତ୍ପତ୍ତି ମୁଁ ଦେଖି ନଥିଲି। କେଜାଣି ମୋ ଉପର ଭାଇ, ତା' ଉପର ନାନୀ ସେ ଦିହେଁ ଦେଖିଥିଲେ କି ନା ମୁଁ ଜାଣେ ନା। ବାପାଙ୍କର ଗୋଟିଏ ରାଲେ ସାଇକେଲ ଥିଲା। ବୋଉ ସେଇଟିକୁ ଯୌତୁକରେ ଆଣିଥିଲେ। ବାପା ବି କମ ଯତ୍ନ ନେଉ ନଥିଲେ ସେ ସାଇକେଲର। ବାପା ବୋଉଙ୍କୁ କେତେ ଭଲ ପାଉଥିଲେ ତାକୁ କହିବାକୁ ମୋ ପାଖରେ ଶବ୍ଦ ନାହିଁ। ବଡ଼ ଭାଇଙ୍କ ବାହାଘର ସରିଲା ବେଳକୁ ବି ବାପାଙ୍କ ସାଇକେଲ ସେମିତି ନୂଆ ଦିଶୁଥିଲା। ବାପା ସାଇକେଲକୁ ବୋଉ ପରି କମ ଯତ୍ନ ନେଉ ନ ଥିଲେ। ହଁ, ବାପାଙ୍କ ଆକାଶୀ ସାର୍ଟ ସେଇ ସାଇକେଲରେ ବସି ବସି ପଛ ଆଡୁ ମୋଡି ହୋଇ ଚାଲିଥିଲା। ସେଇ ସାର୍ଟରେ ଲେଖା ହୋଇଥିଲା ବାପାଙ୍କ ମେହନତର ପୂରା ଚିଠା। କାଉ କା କହିବାରୁ ଆରମ୍ଭ ହୁଏ ତାଙ୍କର କର୍ମଯାତ୍ର, ସରେ ପେଚାର କପାଳିକ ସ୍ୱର ରେସ୍। ସେଇ ଆକାଶୀ ସାର୍ଟଟା କେତେ ଥର ଭିଜେ ତାଙ୍କ ଦେହ ଝାଳରେ, କେତେ ପରସ୍ତ ମୋଡି ହୁଏ ପଛରୁ। ସବୁ ଲେଖାଥାଏ ସେଥିରେ। ପେଟ ଭୋକରେ ଆଉଟୁ ପାଉଟୁ ହେଲେ କପେ ଚା' ମାଗନ୍ତି ବଜାରର ସେ ଚା' ଦୋକାନୀ କୁ। ଖଣ୍ଡେ ବିଡ଼ି ଓଠରେ ଝୁଲାଇ ସବୁ କ୍ଳାନ୍ତି ଓ ବିଷାଦକୁ ଆକାଶକୁ ଉଡାଇ ଦିଅନ୍ତି। ବିଡି ଧୂଆଁରେ ତାଙ୍କ ଦୁଃଖ ଉଡେ, ଅନ୍ୟାୟ ବିରୁଦ୍ଧରେ ପ୍ରତିଶୋଧ ର ନିଆଁ ଝୁଲ ଝରେ। ସେ ନିଆଁ କେଉଁଠି କ'ଣ କରୁକି ନ କରୁ ଆକାଶୀ ସାର୍ଟରେ ଛୋଟ ଛୋଟ କଣା କରିଦିଏ। ତାଙ୍କ ପାଖରେ ସେଇ ହାଟରେ ଥାନ୍ତି ଗୋଟିଏ ଲୁଗା ଗଣ୍ଠିଲି, ମୁଣ୍ଡ ଉପରେ ଖଣ୍ଡେ ପାଲ। ଲୁଗା ଗଣ୍ଠିରା ପଛରେ ଠିଆ ହୋଇ ଥାଏ ବୋଉ ଆଣିଥବା ସେଇ ସାଇକେଲ। ବାପାଙ୍କ ଆକାଶୀ ସାର୍ଟ ଆକାଶୀ ହୋଇ ନ ଥାଏ। ସେଥିରେ ଦୁଃଖ, କଷ୍ଟ, ଗ୍ଲାନି ଓ ଅପବାଦର ରଙ୍ଗ ମିଶି ବର୍ଷା ଦିନ ର ମେଘୁଆ ଆକାଶ ପରି ହୋଇ ଯାଇଥାଏ।

ଆକାଶ ବର୍ଣ୍ଣର ଏ ପଂଜାବୀ ପରି ଥିଲା ଆଉ ଗୋଟେ ଗୋଲାପୀ ପଞ୍ଜାବୀ। ସେ ବି ମୋ ମେହନତି ବାପାଙ୍କ ଭାଗରେ ଥିବାରୁ ହରେଇ ଥିଲା ଗୋଲାପ ଫୁଲର ତେଜ। ଝଡି ପଡ଼ିଥିବା ମଉଳା ପାଖୁଡା ପରି ସେ ସାର୍ଟ ର ରଙ୍ଗ।

ବାପାଙ୍କ ଏ ତିନୋଟି ସାର୍ଟ ମଧ୍ୟରୁ ଏ ଚେକ ସାର୍ଟ ମେହନତ ଦେଖିନି, ଝାଳରେ ଭିଜିନି, ଅପଦସ୍ତ ହୋଇନି, ମହାଜନର ଟଙ୍କା ଶୁଝି ନ ପାରି ନତମସ୍ତକ ହୋଇନି। ଏଇଟିକୁ ବାପା ପିନ୍ଧି ଯାନ୍ତି ବନ୍ଧୁ ବାନ୍ଧବ ଘରକୁ, ନଚେତ ସଭା ସମିତିକୁ ଗଲା ବେଳେ। ଏଇ ସାର୍ଟ ଖଣ୍ଡକ ଦେହରେ ଥିଲେ ସେ ବହୁତ ପ୍ରଫୁଲ୍ଲ ଦିଶନ୍ତି, କାରଣ ବୋଉ ବି ଏଇଟିକୁ ପସନ୍ଦ କରେ, ବୋଉ ସେଦିନ କହି ଥିଲେ ବୟସ ଥିଲା ବେଳେ ଏମିତି ସାର୍ଟ ଖଣ୍ଡେ ସିଲେଇ ନ ଥାନ୍ତ ? ବାପା ବି କହିଲେ – ଆରେ, ପିଲାମାନେ ତ ପାରି ଗଲେଣି, ଏଇଟା ମୋର ସେକେଣ୍ଡ ଇଂନିସ ବୋଲି ଭାବ।

*–ଶ୍ରୀରୂପା, ରାମନଗର ପଡା,*
*ଭବାନୀପାଟଣା, କଳାହାଣ୍ଡି*
*ମୋ: ୯୪୩୭୭୦୦୦୩୭*



# ଗାଁ ପାଇଁ ଗଜଲ

**– ମୋନାଲିସା ଦାଶ ଦ୍ୱିବେଦୀ**

ଜୀବନର ସୁନାଖରା
ମଧୁଝରା ଛାଇ
ଉଦାସୀ ରାତିରେ ସ୍ୱପ୍ନ
ଆଖି ଖୋଲେ ନାହିଁ ।

ହୃଦୟ ଖାତାରେ
ଯେତେ ସାଇତା ସପନ
ହସ କାନ୍ଦ ରାଗ ରୁଷା
ଆଉ ଯେତେ ମାନ ଅଭିମାନ।

କିଛି ନୁହେଁ ଚିରନ୍ତନ।
ପୂର୍ଣ୍ଣିମୀର ଜହ୍ନ ସରେ
ଶେଫାଳି ବି ଝରେ
ବାଦଲ ବି ମାଟିଲଗ୍ନା
ପାହାଡର ଶିରେ ।

ଭାଙ୍ଗିବାକୁ ହେବ ଅବସାଦର ପ୍ରାଚୀର
ଛାଡିବାକୁ ହେବ ମୃଗତୃଷ୍ଣାର ସହର
ଦୀର୍ଘ ଏକ ପ୍ରତୀକ୍ଷାର ଅନ୍ତେ
ଆୟୁଷ ତ ସରିଯିବ ଦିନେ
ବଂଶୀସ୍ୱନ ହଜିଯିବ ଦିନେ।

ସମୟର ସାୟାହ୍ନରେ
ଅର୍ଦ୍ଧ ସୁପ୍ତ ଚେତନା ଗହ୍ୱରେ
ମାଟିସ୍, ସମୁଦ୍ର, ପତ୍ର, ଫୁଲ, ବର୍ଷା ଓ ବିରହ
ମା ରଙ୍ଗଣୀ, ଗୋପୀନାଥ, ଜହ୍ନ ଓ ଆକାଶ
ନୂଆ ନଈ, ଗାଁ ଦାଣ୍ଡ, ଫଗୁଣର ମହୁଆ ପବନ,
ଏସବୁ ଏମିତି ଥିବେ
ଆମ ଗପ ସରିଯିବ ଦିନେ।

*–୨୪୬୬ ଅର୍ଲିଂଟନ ଏଭେନ୍ୟୁ ଇଏଷ୍ଟ,*
*ଟୋରୋଂଟୋ, କାନାଡା*

# ମୁଁ ଇ

**-ଗଜାନନ ମିଶ୍ର**

ମୁଁ ଦେଖୁଛି ସୂର୍ଯ୍ୟ
ଏୟା କହି ପାରିବ ନି ତୁମେ।
ପାରିବ ନି ଶୁଣି ଶବ୍ଦ
ହୋଇ ପାରିବ ନି କିଛି ତୁମେ ବିଜୟ।

ଏୟାକୁ ସେୟା
ପାରିବ ନି ଭାବି।
ଲଦି ପାରିବ ନି ଦୋଷ
ଗଛ କି ପାହାଡ ଉପରେ।

ମୁଁ ଯେ କହୁଛି କିଛି
ଆଉ ତୁମେ ଶୁଣୁଛ ଆଉ କିଛି।
ଏଣେ ତେଣେ ଯାଇ
ଖୋଜି ହେଉଛ ଆପଣା ଛାଇ।

ଛାଇ ଛାଇ ଛାଇର ହାଟ
ସରୁ ନି ହଟ ନଟ ବାଟ।
ଯାହା ଯିଏ କହୁ ପଛେ
ମୁଁ ଇ ସୂର୍ଯ୍ୟ ତଳ ସମ୍ରାଟ।

ରହୁଛି ଏଇଠି ଇ ମୁଁ
ବଦଳୁଛି ଦୃଶ୍ୟ ପରେ ଦୃଶ୍ୟ।
ଅନ୍ଧାର ଖାଇ ଅନ୍ଧାରରେ ରହି
ମୁଁ ଇ ଅନ୍ଧାରୁଆ ଆଲୁଅର ସୂତ୍ର।

*–ତପୋବନ, ଟିଟିଲାଗଡ*
*ମୋ:୮୨୪୯୦୮୫୫୦୯*







କିଆରା

# ଅକ୍ଷୟଙ୍କ ପ୍ରଶଂସାରେ କିଆରା

କିଆରା ଆଡଓ୍ୱାନୀ ଏବେ ଜଣଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି । ସେ କିଏ ଜାଣନ୍ତି ? ଖିଲାଡି ମାଷ୍ଟର ଅକ୍ଷୟ କୁମାର। କଥା କ'ଣ ତାଙ୍କୁ ମିଳିଥିବା ଏକ ନୂଆ ଅଫର୍‌ରେ ଅକ୍ଷୟ ନାୟକ ସାଜିବାର ଯୋଜନା ରହିଛି। ଏକଥା ଜାଣିବା ପରେ କିଆରାଙ୍କ ଖୁସି ଦେଖେ କିଏ। ଏ ନେଇ ସେ କହନ୍ତି, ''ଯାହା କହନ୍ତୁ ନା କାହିଁକି, ଅକ୍ଷୟ କୁମାରଙ୍କ ପରି ଆକ୍ଟରଙ୍କ ସହ କାମ କରିବାରେ ସ୍ପେଶାଲ ଚାର୍ମ ରହିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଭିନ୍ନ ଧରଣର ଭୂମିକା। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଅକ୍ଷୟ କୁମାର ମେଲ୍ ଲିଡ୍‌ରେ ଆକ୍ଟିଂ କରିବାର ଯୋଜନା ରହିଛି। ଆଉ ଏକ କଥା–ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ପୁଣି ତାହା ବଡ଼ ହୋଇଥାଉ କି ଛୋଟ–ସେଗୁଡିକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍ଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କ ଡେଲି ଲାଇଫର ରୁଟିନ୍‌କୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।'' ଯଦି ଏଥିରେ ଅକ୍ଷୟ ଅଭିନୟ କରନ୍ତି ତେବେ କିଆରାଙ୍କ ସହ ତାଙ୍କ ଯୋଡି ବଡ ପଦରାରେ କି କମାଲ କରିବ ତାହା ଦେଖିବାକୁ ବାକି ରହିଲା।

# ଭୁଲ୍ ଥିଲା ଜ୍ୟୋତିଷବାଣୀ



ଜନ୍

ଜନ୍ ଆବ୍ରାହମ୍ ଏକାଧାରରେ ଜଣେ ମଡେଲ, ଅଭିନେତା ଏବଂ ପ୍ରଯୋଜକ। କିନ୍ତୁ ସେ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଚାହିଁଲେ ତା'ପୂର୍ବରୁ ଜଣେ ଜ୍ୟୋତିଷଙ୍କ ପାଖକୁ ଯାଇଥିଲେ। ସେତେବେଳେ ସେହି ଜ୍ୟୋତିଷ କହିଥିଲେ ଯେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜନ୍ କଦାପି ତିଷ୍ଠି ପାରିବେ ନାହିଁ। ହେଲେ ତାହାକୁ ସେ କେତେ ଭୁଲ ପ୍ରମାଣିତ କରିଛନ୍ତି ତାହା କହିବା ଅନାବଶ୍ୟକ। ୨୦୦୩ରେ ତାଙ୍କୁ ହିନ୍ଦୀ ସିନେମାରେ ବ୍ରେକ୍ ମିଳିଥିଲା, ଆଉ ଫିଲ୍ମଟି ଥିଲା 'ଜିସ୍ମ'। ତାଙ୍କର ପ୍ରଥମ ସିନେମାଟି ହିଁ ହିଟ୍ ସାବ୍ୟସ୍ତ ହୋଇଥିଲା। ଏ ପର୍ଯ୍ୟନ୍ତ ସେ ପାଖାପାଖି ୫୦ରୁ ଅଧିକ ଫିଲ୍ମରେ ଆକ୍ଟିଂ କରିସାରିଲେଣି। ନିକଟରେ ସୁପରହିଟ୍ ହୋଇଥିବା 'ପଠାନ୍'ରେ ତାଙ୍କୁ ଜିମ୍ ଭୂମିକାରେ ଦେଖିବାକୁ ମିଳିଥିଲା। ସେ ତାଙ୍କ ବାପାଙ୍କ ଠାରୁ ଅନେକ କିଛି ଶିଖିଛନ୍ତି। ତାଙ୍କ ବାପା ଜଣେ କ୍ୟାନ୍‌ସର ରୋଗୀ ଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ଆରୋଗ୍ୟ ଲାଭ କରିଥିଲେ। ପଢ଼ିବା ସମୟରେ ଜନ୍ ଆଥେଲେଟ୍ ସହ ଜଡିତ ଥିଲେ। ସେ ଅନେକ ଥର ୨୦୦ ମି. ଏବଂ ୫୦୦ ମି. ଦୌଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କାର ହାସଲ କରିଥିଲେ।



ଦିଶା ପଟାନି

# ଦୋଛକିରେ ନୋରା

ନୋରା ଫତେହି ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। କେବଳ ସେତିକି ନୁହେଁ, ଏଭଳି ରୋଲ୍ ପାଇଁ ମଧ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ଅସଲ କଥା ହେଲା, ନିକଟରେ ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସେ ପ୍ରଥମେ ରାଜି ହୋଇଥିଲେ। ନିର୍ଦ୍ଦେଶକ ତାଙ୍କୁ ଏ ବିଷୟରେ ଭଲ ଭାବରେ ବୁଝାଇବା ପରେ ସେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କେତେକ କାରଣରୁ ଏହାର ଶୁଟିଂ ଆରମ୍ଭ ହୋଇପାରୁନାହିଁ। ଆଲୋଚନା ହେଉଛି ଯେ, ନୋରା ଏଥିଲାଗି ଡେଟ୍ ଦେଉନାହାନ୍ତି। କିନ୍ତୁ ସେପଟେ ଏଭଳି କଥାକୁ ଭିତ୍ତିହୀନ ବୋଲି କହିଛନ୍ତି ନୋରା। ''ଏହି ୱେବ୍ ସିରିଜ୍‌ର ଶୁଟିଂ ପାଇଁ ମୋ ପାଖରେ ଏବେ ସମୟ ନାହିଁ ସତ। ହେଲେ କଥା ଦେଇଛି ମାନେ ନିଶ୍ଚୟ ଅଭିନୟ କରିବି। ତେଣୁ ମୋତେ କିଛି ସପ୍ତାହ ଦରକାର। ତା' ଭିତରେ ମୁଁ ମୋର ଅବଶିଷ୍ଟ କାମ ଶେଷ କରି ଶୁଟିଂ ପାଇଁ ସମୟ ଦେବି। ହେଲେ ମୁଁ ଏହି ସିରିଜ୍ ପାଇଁ ଅଯଥାରେ ସମୟ ଗଡାଉଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ ବୋଲି ସଫେଇ ଦେଇଛନ୍ତି ନୋରା।''



ନୋରା

# ମାତ୍ର ୧୪ ବର୍ଷ ବୟସରେ..



କ୍ୟାଟ୍ରିନା

କ୍ୟାଟ୍ରିନା କୈଫ ଅଭିନୟ କରିବା ପୂର୍ବରୁ ମଡେଲିଂ ସହ ଜଡିତ ଥିଲେ। ପାଠ ପଢୁଥିବା ସମୟରେ ତାଙ୍କୁ ବିଜ୍ଞାପନରେ କାମ କରିବାକୁ ଅଫର ମିଳିଥିଲା ଏବଂ ସେନେଇ ସେ ଗ୍ରୀନ୍ ସିଗନାଲ ମଧ ଦେଇଥିଲେ। ସେତେବେଳେ କ୍ୟାଟ୍ରିନାଙ୍କୁ ମାତ୍ର ୧୪ ବର୍ଷ ବୟସ ହୋଇଥିଲା। ଅନେକେ କ୍ୟାଟ୍ରିନାଙ୍କୁ 'କ୍ୟାଟ୍' ବୋଲି ଡାକନ୍ତି। ହେଲେ ଜାଣନ୍ତି କି ତାଙ୍କୁ ଏଇ କ୍ୟାଟ୍ ଡାକ ଜମାରୁ ଭଲ ଲାଗେନା। ଆଉ ଏକ କଥା ସେ ଅଭିନୟ କରୁଥିବା ସିନେମାର ଶୁଟିଂ ଏବଂ ରିଲିଜ ପୂର୍ବରୁ ଯେମିତି ହେଲେ ମୁମ୍ବାଇର ସିଦ୍ଧି ବିନାୟକ ମନ୍ଦିର ଏବଂ ମାଉଣ୍ଟ ମେରି ଚର୍ଚ୍ଚ ଯାଇଥାଆନ୍ତି। କ୍ୟାଟ୍ରିନା ଭାରି ଡରକୁଳି ମଧ। ଅଧିକ ଅନ୍ଧାରୁଆ ଯାଗା ଏବଂ ଅତି ଉଚ୍ଚ ସ୍ଥାନ ଦେଖିଲେ ତାଙ୍କ ମନରେ ଶଙ୍କା ଜାତ ହୋଇଥାଏ। ଅବସର ମିଳିଲେ ସେ କ'ଣ କରନ୍ତି ? ପ୍ରାକୃତିକ ଦୃଶ୍ୟରାଜିକୁ ଚିତ୍ର ମାଧମରେ ପ୍ରକାଶ କରିବାକୁ ତୁଳୀ ଆଉ ରଙ୍ଗ ଧରି ବସିଯାଆନ୍ତି। ସେ ଜଣେ ଭଲ ଚେସ୍ ଖେଳାଳି ମଧ। ସୂଚନାଯୋଗ୍ୟ ଯେ, ସଲମାନ ଖାଁ ଏବଂ କ୍ୟାଟ୍ରିନାଙ୍କୁ ନେଇ ପ୍ରସ୍ତୁତ ତଥା ମନୀଷ ଶର୍ମାଙ୍କ ନିର୍ଦ୍ଦେଶିତ 'ଟାଇଗର–୩' ଚଳିତ ବର୍ଷ ନଭେମ୍ବର ୧୦ରେ ରିଲିଜ ହେବାର ଯୋଜନା ରହିଛି।

# ଡେଟ୍ ପ୍ରୋବ୍ଲେମ୍

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, ଏକ ନୂଆ ବ୍ୟାନରରେ ସେ କେମିତି ଏକାଥରେ ତିନୋଟି ଫିଲ୍ମରେ ନାୟିକା ସାଜିବେ। ହେଲେ ଏହାର ଶୁଟିଂକୁ ନେଇ ଟେନସନରେ ପଡିଯାଇଛନ୍ତି ଏହି ଅଭିନେତ୍ରୀ। ସେ ହେଲେ ଦିଶା ପଟାନି। ଯେତେବେଳେ ତାଙ୍କୁ ଏହି ଅଫରଗୁଡିକ ମିଳିଲା ସେତେବେଳେ ସେ ଆଗପଛ ବିଚାର ନ କରି ହଁ ଭରିଥିଲେ। ହେଲେ ଏହାପୂର୍ବରୁ ସେ ସାଇନ୍ କରିଥିବା କେତୋଟି ସିନେମାର ଶୁଟିଂ ମଧ ଆରମ୍ଭ ହେବାର ଅଛି। ତେଣୁ ଏ ବିଷୟରେ ଚିନ୍ତା କଲା ବେଳକୁ ତାଙ୍କର ଟେନସନ ବଢ଼ିଯାଇଛି। ଏଭଳି ସମସ୍ୟା ସମ୍ପର୍କରେ ଦିଶା କହନ୍ତି, 'ନିକଟରେ ସାଇନ୍ କରିଥିବା ତିନୋଟି ଫିଲ୍ମର ଶୁଟିଂ ବ୍ୟାକ୍–ଟୁ–ବ୍ୟାକ୍ ଆରମ୍ଭ ହେବାର ଯୋଜନା ରହିଛି। ଏ ନେଇ ମୋତେ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡିବ। କିନ୍ତୁ ଏହାପୂର୍ବରୁ ସାଇନ୍ କରିଥିବା ସିନେମାଗୁଡିକ ପାଇଁ ବି ମୋତେ ଡେଟ୍ ଦେବାକୁ ହେବ। ସେଥିଲାଗି ମୋ ଟେନସନ ବଢ଼ିଯାଇଛି। ଯାହା ହେଲେ ବି ମୋତେ ଥଣ୍ଡା ମିଜାସରେ ଚିନ୍ତା କରି ଆଗେଇବାକୁ ପଡିବ। ଏବେ ଯେଉଁ ଫିଲ୍ମଗୁଡିକ ସାଇନ୍ କରିଛି ସେଥିରେ କାହାଣୀ ଏବଂ ମୋ ଭୂମିକାକୁ ଗୁରୁତ୍ୱ ଦେଇଛି। କାରଣ ଏଣୁତେଣୁ ପୁଳାଏ ସିନେମାରେ ଅଭିନୟ କଲେ କିଛି ଲାଭ ନାହିଁ। ଏହାବ୍ୟତୀତ ଭିନ୍ନ ଭିନ୍ନ ଭୂମିକାରେ ନିଜକୁ ଦର୍ଶକଙ୍କ ସାମନାକୁ ଆଣିବାକୁ ଚାହେଁ।'

# କୁମ୍ଭକର୍ଣ୍ଣ ରହସ୍ୟ

ରାମାୟଣରେ ରାବଣର ଭାଇ କୁମ୍ଭକର୍ଣ୍ଣ କଥା ସମସ୍ତେ ଜାଣିଥିବେ। ହେଲେ ଏବେ ଏକ ଭିନ୍ନଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଥିବା ଏକ ଓଡ଼ିଆ ସିନେମାର ଟାଇଟଲ ବି ରହିଛି 'କୁମ୍ଭକର୍ଣ୍ଣ'। ତେବେ କ'ଣ ପାଇଁ ଆଉ କିଏ ତାକୁ କୁମ୍ଭକର୍ଣ୍ଣ ସଜାଇଛି ତାହା କାହାଣୀରେ ନିହିତ ରହିଛି। ସସପେନ୍ସ, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମାକୁ ନେଇ କାହାଣୀ ଗତି କରିଛି। ଫିଲ୍ମଟିର କାହାଣୀ ରଚନା ଏବଂ ପ୍ରଯୋଜନା କରୁଛନ୍ତି ସମ୍ବିତ କୁମାର ପାତ୍ର। ତା'ସହ ଏହାର ଟାଇଟଲ ଭୂମିକାରେ ମଧ ସେ ଅଭିନୟ କରୁଛନ୍ତି। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ସୁଜିତ କୁମାର କାନୁନଗୋ। ସଂଳାପ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାନସ ସାହୁ। ଚିତ୍ରତ୍ତୋଳନ ଦାୟିତ୍ୱ ତୁଲାଇଛନ୍ତି ଚତୁର୍ଭୁଜ ଦାସ (ରାଜୁ)। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଶ୍ରୀନିବାସ ବିଶ୍ୱାଳ। ସମ୍ବିତଙ୍କ ସହ ଏଥିରେ ସ୍କ୍ରିନ୍ ସେୟାର କରିଛନ୍ତି ପାୟଲ। ଅନ୍ୟପକ୍ଷରେ ଦୁଷ୍ମନ୍ତ ପଣ୍ଡା, ବିରେନ୍ ମିଶ୍ର, ବ୍ରଜ ସିଂ, ମିତା ଚକ୍ରବର୍ତ୍ତୀ, ଗିରିଜା ପଣ୍ଡା (କାକା), ଟନିଆ, ରାନୀ ପଣ୍ଡା ଆଦି କଳାକାରଙ୍କ ସହ ଶିଶୁ କଳାକାର ଚୁନୁ, ମୁନୁ ଏବଂ ମାହିଙ୍କୁ ବି ଏଥିରେ ଦେଖିବାକୁ ମିଳିବ।



ପାୟଲ– ସମ୍ବିତ କୁମାର

# ଟ୍ୟୁଶନରୁ ହୋଇଥିଲା ପ୍ରଥମ ରୋଜଗାର

**ପ୍ରଥମ ରୋଜଗାର**



ବିଶିଷ୍ଟ ଗୀତିକାର, ସଂଳାପକାର ତଥା ସଙ୍ଗୀତ ନିର୍ଦ୍ଦେଶକ **ବସନ୍ତ ରାଜ୍ ସାମଲଙ୍କ** ପ୍ରଥମ ରୋଜଗାର ସମ୍ପର୍କରେ...

ଜଣେ ଗୀତିକାର ହିସାବରେ କ୍ୟାରିୟର୍ ଆରମ୍ଭ କରିବା ପୂର୍ବରୁ ବସନ୍ତ ରାଜ୍ ପ୍ରଥମେ ଭୁବନେଶ୍ୱର ଆସି ପିଲାଙ୍କୁ ଟ୍ୟୁଶନ କରିବା ଆରମ୍ଭ କରିଥିଲେ। ତା'ପରେ ପ୍ରେସ୍ ଲାଇନ୍‌ରେ କାମ କଲେ। 'ଖବରକାଗଜ' ନାମକ ଏକ ଦୈନିକ ଖବରକାଗଜ ସହିତ 'ଟ୍ୟୁଏଜ ଡେ' ନାମକ ଏକ ସାପ୍ତାହିକ ପତ୍ରିକାରେ ବେଶ୍ କିଛିଦିନ କାମ କରିବା ପରେ 'ଧରିତ୍ରୀ' ଖବରକାଗଜରେ କାମ କରିବାର ସୁଯୋଗ ପାଇଲେ। ପ୍ରୁଫ୍ ରିଡିଂରୁ ଆରମ୍ଭ କରି ଗପ, କବିତା ଲେଖିବା, ଫିଲ୍ମ ନ୍ୟୁଜ୍ କରିବା, ବ୍ୟକ୍ତିତ୍ୱ କରିବା ସହିତ କୃଷି ପୃଷ୍ଠା ପାଇଁ ଆର୍ଟିକିଲ୍ ଲେଖିବାରେ ବି ତାଙ୍କର ରହିଥିଲା ବେଶ୍ ଦକ୍ଷତା। ସଂକ୍ଷେପରେ କହିବାକୁ ଗଲେ ସେ ଥିଲେ ଜଣେ ଅଲ୍‌ରାଉଣ୍ଡର୍। ଗୋଟେ ପଟେ ଖବରକାଗଜ ପାଇଁ କାମ କରୁଥିଲେ ଅନ୍ୟପଟେ ଗୀତ ଲେଖାଲେଖି ବି କରୁଥିଲେ। ପିଲାବେଳୁ ରେଡ଼ିଓରେ ଗୀତ ଶୁଣିବାର ଅଭ୍ୟାସ ହିଁ ତାଙ୍କୁ ପ୍ରେରଣା ଦେଇଥିଲା ଗୀତ ଲେଖିବାକୁ। ତାଙ୍କ ଲିଖିତ ଭଜନ ହେଉ ବା ଆଧୁନିକ ଗୀତକୁ ଯିଏ ପଢୁଥିଲେ, ସିଏ ପ୍ରଶଂସା କରିବାକୁ ପଛାଉ ନଥିଲେ। ଏମିତିରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ସହ ତାଙ୍କର ପରିଚୟ ହେଲା। ଆଉ ସେ ହିଁ ଏକ ଶିବ ଭଜନ କ୍ୟାସେଟ୍ ପାଇଁ ୬ଟି ଗୀତ ଲେଖିବାକୁ ପ୍ରଥମେ ତାଙ୍କୁ ସୁଯୋଗ ଦେଇଥିଲେ ; ଯେଉଁଥିପାଇଁ ତାଙ୍କୁ ୩୦୦ ଟଙ୍କା ପାରିଶ୍ରମିକ ବି ମିଳିଥିଲା। ଏହି ଟଙ୍କା ପୂର୍ବ ଉପାର୍ଜିତ ଟଙ୍କା ପରି ଦୈନନ୍ଦିନ ଚଳିବା, ନୂଆ ଡ୍ରେସ୍ କିଣିବା ଆଉ ସିନେମା ଦେଖିବାରେ ତାଙ୍କର ଖର୍ଚ୍ଚ ହୋଇଥିଲା। କାରଣ ସେତେବେଳେ ୩୦୦ ଟଙ୍କାର ମୂଲ୍ୟ ଢେର୍ ଥିଲା। କିନ୍ତୁ ଉକ୍ତ କ୍ୟାସେଟ୍‌ଟି ସେତେ ଭଲ ବିଜ୍‌ନେସ୍ କରି ପାରି ନଥିଲା। ତା'ପରେ ସେ ଜେଇ କ୍ୟାସେଟ୍ ପାଇଁ ଗୋଟିଏ ଭଜନ ଲେଖିଲେ ; ସେଇଟା ବି ସେତେ ମାଇଲେଜ୍ ନେଲାନାହିଁ। ତଥାପି ତାଙ୍କର ମନୋବଳ ସେମିତି ଦୃଢ଼ ଥାଏ। ତା'ପରେ ତାଙ୍କ ପାଖକୁ ଆଉ ଦୁଇଟି ଭଜନର ଅଫର୍ ଆସିଲା। ଗୋଟିଏ ଥିଲା 'ମାଠିଆ ମୋ ଭାଙ୍ଗିଦେଲା କଳାକାହ୍ନୁ ବଡ଼ ଦଗାଦିଆ...' ଏବଂ ଅନ୍ୟଟି 'ମୋତେ ଚନ୍ଦନ ପାଣିରେ ଗୋଧୋଇ ଦିଅଲୋ ମୁଁ କାଳିଆ ପାଖକୁ ଯାଉଛି...'। ଏହି ଦୁଇଟି ଭଜନ ଏତେ ହିଟ୍ ହେଲା ଯେ, ତା' ପରଠୁ ତାଙ୍କୁ ଲଗାତାର ଅଫର୍ ମିଳିଚାଲିଲା ଆଉ ସିଏ ଗୋଟିଏ ପରେ ଗୋଟିଏ ହିଟ୍ ଭଜନ ଶ୍ରୋତାଙ୍କୁ ଭେଟି ଦେଇ ଚାଲିଲେ। କାମର ଚାପ ବଢ଼ିବାରୁ ସିଏ ବାଧ୍ୟ ହୋଇ ପ୍ରେସ୍ ଲାଇନ୍ ଛାଡ଼ି ଗୀତିକାର ଜୀବନକୁ ଉଭୟ ନିଶା ଓ ପେସା କରିଦେଲେ। ଭଜନ ସହିତ ଆଧୁନିକ ଗୀତ ବି ଲେଖିଲେ। 'ଏ ଗଉରା ଆଜିକାଲି କ'ଣ ଖାଉଛୁ...' ହେଉଛି ତାଙ୍କ ଲିଖିତ ଏକ ସୁପର୍‌ହିଟ୍ ଆଲବମ୍ ଗୀତ। ତା'ପରେ ଫିଲ୍ମ ପାଇଁ କାମ କଲେ। 'ସୁହାଗ ସିନ୍ଦୂର' ଚଳଚ୍ଚିତ୍ରର 'ନାଲି ଟୋପିବାଲା ତୋର ଚାଲି ଇଂଲିଶି...' ଗୀତଟି ସେତେବେଳେ ବେଶ୍ ମାଇଲେଜ୍ ନେଇଥିଲା। ତା'ପରଠୁ ଆଜିଯାଏ ପ୍ରତିବର୍ଷ ଅତି କମ୍‌ରେ ୨/୩ଟି ଫିଲ୍ ଗୀତ ତାଙ୍କର ହିଟ୍ ତାଲିକାରେ ରହିଆସୁଛି। ଯେମିତିକି ଏବେ ହିଟ୍ ତାଲିକାରେ ରହିଛି 'ସୁନ୍‌ଜରା ସୁନ୍‌ଜରା...', 'ହାଏ ତୋ ପ୍ରେମ ଗଜଲ୍ ଗଜଲ୍...', 'ହାଏ ତୋ ପ୍ରେମର ରଙ୍ଗୋଲି...' ଇତ୍ୟାଦି। ତେବେ କେବଳ ଗୀତିକାର ନୁହେଁ, ସଂଳାପକାର ଭାବେ ବି ତାଙ୍କର ଆଉ ଏକ ପରିଚୟ ରହିଛି। 'ଚାନ୍ଦିନୀ ଆଇ ମିସ୍ ୟୁ', 'ମୋ ଦୁନିଆ ତୁ ହି ତୁ', 'ଛାତି ତଳେ ଡିଂ ଡଂଗ୍' ପରି କେତେକ ଚଳଚ୍ଚିତ୍ର ପାଇଁ ସେ ସ୍କ୍ରିପ୍ଟ ମଧ୍ୟ ଲେଖିଛନ୍ତି। ତା'ଛଡ଼ା ଏଇ ୩/୪ ବର୍ଷ ହେବ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ ସିଏ ପାଦ ଥାପିଛନ୍ତି। 'ଇ-ଟାଇମ୍' ନାମରେ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ରହିଛି।

*-ଅନ୍ୱିତା*

**ସାଥୀ**

# ମନ ସାଥେ ମିତ ବସିଛି ମନ, ଜଣାପଡୁନାହିଁ ରାତି କି ଦିନ



ବାବା-ମାମୁନୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*-ନରେନ୍ଦ୍ର କୁମାର, ଆଠଗଡ*

**ଉତ୍ତର:** 'ମନ ସାଥେ ମିତ ବସିଛି ମନ, ଜଣାପଡୁ ନାହିଁ ରାତି କି ଦିନ'। ହେଲେ ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*-ସୁମିତ କୁମାର, ବ୍ରହ୍ମପୁର*

**ଉତ୍ତର:** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଅଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*-ଅନନ୍ତ ସାହୁ, ବଲାଙ୍ଗୀର*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ତାହା ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସିଏ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*-ସୁବାସ, କଟକ*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି ହୋଇଥାଏ।

# ମିନି ସ୍କର୍ଟ ଫ୍ୟାଶନ





**ମିନି ସ୍କର୍ଟର ଫ୍ୟାଶନ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏ ନାହିଁ। ଖାସ୍‌କରି ଖରାଦିନେ ତ ଏହାର ଚାହିଦା ବେଶ୍ ରହୁଥିବା ଦେଖିବାକୁ ମିଳେ। ତେବେ ଏହାକୁ କ୍ୟାରି କରିବା ସମୟରେ କିଛିଟା ଜରୁରୀ କଥା ଉପରେ ନଜର ଦେବା ନିହାତି ଆବଶ୍ୟକ...**

* **ଅଣ୍ଡର ଗାର୍ମେଣ୍ଟ୍ସ:** ମିନି ସ୍କର୍ଟର ନାଁ ଉଠିବା ମାତ୍ରେ ମନ ଭିତରେ ଏକ ଛୋଟ ସ୍କର୍ଟର ଛବି ଆସିଯାଏ। ସେଥିପାଇଁ ଅନେକେ ଦ୍ୱନ୍ଦ୍ୱରେ ପଡିଯାନ୍ତି ଯେ, ଏହି ସ୍କର୍ଟ ସହିତ କେଉଁ ଧରଣର ଅଣ୍ଡର୍ ଗାର୍ମେଣ୍ଟ୍ସ ପିନ୍ଧିବା ଆବଶ୍ୟକ! ମିନି ସ୍କର୍ଟ ତଳେ ମୁଖ୍ୟତଃ ନ୍ୟୁଡ୍ ଶର୍ଟ୍ସ ପିନ୍ଧିବା ଦରକାର। ଯୁବତୀମାନେ ଚାହିଁଲେ ନିଜ ସ୍କର୍ଟର ରଙ୍ଗକୁ ମ୍ୟାଚିଂ କଲାଭଳି ଶର୍ଟ୍ସ ମଧ୍ୟ ଟ୍ରାଏ କରିପାରିବେ। ଏହା ସବୁ ଦୃଷ୍ଟିରୁ ସୁରକ୍ଷିତ ହୋଇଥାଏ।

* **ନର୍ମାଲ୍ ଟପ୍ସ ପିନ୍ଧିପାରିବେ:** ଯେହେତୁ ଆପଣ ମିନି ସ୍କର୍ଟ ପିନ୍ଧୁଛନ୍ତି, ତା'ସହିତ କେବେ ବି ବଡି ଫିଟିଙ୍ଗ୍ ହେଲା ଭଳି ଟପ୍ସ ପିନ୍ଧିବା ଠିକ୍ ନୁହେଁ। କାରଣ ଏହା ଆଖିକୁ ସେତେ ଭଲ ଦେଖାଯାଇ ନଥାଏ। ତେଣୁ ମିନି ସ୍କର୍ଟ ପିନ୍ଧିଲା ବେଳେ ଆପଣ ଚେଷ୍ଟା କରିବେ ଯେତେ ସମ୍ଭବ ନର୍ମାଲ୍ ଟପ୍ସ ପିନ୍ଧିବେ।

* **ଜ୍ୟାକେଟ୍ ବି ଟ୍ରାଏ କରିପାରିବେ:** ମିନି ସ୍କର୍ଟ ସହ କେବଳ ଟି-ଶାର୍ଟ କି ଟପ୍ସ ନୁହେଁ, ଯୁବତୀମାନେ ଚାହିଁଲେ ଟପ୍ସ ଉପରେ ଜ୍ୟାକେଟ୍ ମଧ୍ୟ ଟ୍ରାଏ କରିପାରିବେ। ତେଣିକି ସେ ଲେଦର୍ ହେଉ ଅବା ଡେନିମ୍ କିମ୍ବା ଅନ୍ୟ ଯେ କୌଣସି ଫ୍ୟାବ୍ରିକ୍‌ର ଜ୍ୟାକେଟ୍ ହେଉନା କାହିଁକି, ଏହା ଲୁକ୍‌କୁ ବେଶ୍ ଷ୍ଟାଇଲିଶ୍ କରି ଦେଇଥାଏ।

* **ଶୁଜ୍ ବି ଲାଗିବ ଷ୍ଟାଇଲିଶ୍:** ମିନି ସ୍କର୍ଟ ସହ ହିଲ୍ ପିନ୍ଧିବାର ଫ୍ୟାଶନ ଏବେ ଟିକେ ପୁରୁଣା ହୋଇଗଲାଣି। ଆପଣ ଚାହିଁଲେ ଏହା ସହିତ ମ୍ୟାଚିଂ କରି ଶୁଜ୍ ବି ପିନ୍ଧିପାରିବେ। କାରଣ ଏହା ଟ୍ରେଣ୍ଡି ଲୁକ୍ ଦେଇଥାଏ।

## ମିନି ସ୍କର୍ଟର ବିଭିନ୍ନ ଭେରାଇଟି

* **ଡେନିମ୍ ମିନି ସ୍କର୍ଟ:** ଏହି ସ୍କର୍ଟ ଯୁବତୀଙ୍କୁ ୟୁଥ୍ ଲୁକ୍ ଦେଇଥାଏ। ଡେନିମ୍ ମିନି ସ୍କର୍ଟ ସହ ଆପଣ ଚାହିଁଲେ ମ୍ୟାଚିଂ କରି କ୍ରପ୍ ଟି-ଶାର୍ଟ ଏବଂ ତା'ଉପରେ ହାଫ୍ ସ୍ଲିଭ୍‌ର ଡେନିମ୍ ଜ୍ୟାକେଟ୍ ମଧ୍ୟ କ୍ୟାରି କରିପାରିବେ। କେବଳ ସେତିକି ନୁହେଁ, ଏହା ସହିତ ମାଚିଂ ହେଲା ଭଳି ସୁଜ୍ ପିନ୍ଧିଲେ ତ ଲୁକ୍ ଆହୁରି ଆକର୍ଷଣୀୟ ଲାଗିବ।

* **ଲେଦର ମିନି ସ୍କର୍ଟ:** ଲେଦର୍‌ର ମିନି ସ୍କର୍ଟ ବି ଯୁବତୀଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ବିଶେଷକରି ମଷ୍ଟାର୍ଡ ୟେଲୋ କଲର୍‌ର ଲେଦର୍ ମିନି ସ୍କର୍ଟ ସହ ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇଥିବା କଳା ରଙ୍ଗର କଟନ୍ ଟି-ଶାର୍ଟ ପିନ୍ଧିଲେ କୁଲ୍ ଲୁକ୍ ମିଳିଥାଏ। ଯୁବତୀମାନେ ଚାହିଁଲେ ନିଜ ମନ ପସନ୍ଦର ଯେ କୌଣସି ରଙ୍ଗର ମିନି ସ୍କର୍ଟ ଓ ଟପ୍ସକୁ ଏହିଭଳି ଭାବେ ପେୟାର୍ କରି ମଧ୍ୟ ପିନ୍ଧିପାରିବେ।

* **କଟନ୍ ମିନି ସ୍କର୍ଟ:** ଖରାଦିନେ ପିନ୍ଧିବା ପାଇଁ କଟନ୍ ଫ୍ୟାବ୍ରିକ୍ ମିନି ସ୍କର୍ଟ ଏକ ଭଲ ଅପ୍ସନ ହୋଇଥାଏ। ଏହା କମ୍ଫଟେବଲ୍ ଲାଗିବା ସହ ଦେହକୁ ବେଶୀ ଗରମ ମଧ୍ୟ ଲାଗି ନଥାଏ। କଟନ୍ ମିନି ସ୍କର୍ଟ ସହ ଆପଣ ଚାହିଁଲେ ମ୍ୟାଚିଂ କରି କଟନ୍ ଟପ୍ସ ମଧ୍ୟ ପିନ୍ଧିପାରିବେ।

* **ଷ୍ଟ୍ରାଇପ୍ ପ୍ରିଣ୍ଟ ମିନି ସ୍କର୍ଟ:** ଏହି ପ୍ରିଣ୍ଟର ମିନି ସ୍କର୍ଟ ଆଖିକୁ ସୁନ୍ଦର ଦେଖାଯିବା ସହ ଯୁବତୀଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ବି ଦେଇଥାଏ। ତେବେ ଏହି ପ୍ରିଣ୍ଟର ସ୍କର୍ଟ ସହ ଯେତେ ସମ୍ଭବ ପ୍ଲେନ୍ ଟପ୍ସ ବା ଟି-ଶାର୍ଟ ପିନ୍ଧିବେ ସେତେ ଭଲ।











## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।




## ହାଃ ହାଃ

### ବଦ୍‌ମାସ

ରାଜେଶ ବାବୁ ପୁଅ ରାକେଶଙ୍କୁ: ମୋ ପାଇଁ ଗ୍ଲାସେ ପାଣି ଆଣିଲୁ।
ରାକେଶ: ବାପା, ମୁଁ ଟିକେ ବ୍ୟସ୍ତ ଅଛି। ଯାଇପାରିବିନି।
ରାଜେଶ ବାବୁଙ୍କ ଦ୍ୱିତୀୟ ପୁଅ ରୋଶନ: ବାପା, ଛାଡ ତା’ କଥା। ସିଏ ତ ବଦ୍‌ମାସ୍‌ଟା। ତମେ ନିଜେ ଯାଇ ପାଣି ପିଇଦିଅ। ଆଉ ଆସିବାବେଳେ ମୋ ପାଇଁ ବି ଗ୍ଲାସେ ପାଣି ଆଣିଦେବ।

### ଚା’

ସୋଫାରେ ଗଡି ଆରାମ କରୁଥିବା ସ୍ତ୍ରୀଙ୍କୁ ସ୍ୱାମୀ: ମୋ ପାଇଁ ଟିକେ ଚା’ କରିଲ।
ସ୍ତ୍ରୀ: ନିଜେ ଯାଇ କର। ମୁଁ ଉଠିକି ଯାଇପାରିବିନି।
ସ୍ୱାମୀ: ମୋ ମୁଣ୍ଡ ପ୍ରବଳ ବିନ୍ଧୁଛି।
ସ୍ତ୍ରୀ: ମୋର ତ ବେକ ଦରଜ ହଉଛି।
ସ୍ୱାମୀ: ହଉ ଠିକ୍ ଅଛି। ତମେ ମୋ ମୁଣ୍ଡ ଚିପି ଦିଅ। ଆଉ ମୁଁ ତୁମ ବେକ ଚିପି ଦେବି।

### ପାଇଲଟ୍

ଶାଳୀ ଭିଣେଇଙ୍କୁ: ଭାଇ ତମେ କ’ଣ କର?
ଭିଣେଇ: ମୁଁ ପାଇଲଟ୍ ଅଛି।
ଶାଳୀ: କେଉଁ ଏୟାରଲାଇନ୍ସର?
ଭିଣେଇ: ମ୍ୟାରେଜ୍ ଏୟାରଲାଇନ୍ସ।
ଶାଳୀ: ବୁଝିପାରିଲିନି କ’ଣ କହୁଛ।
ଭିଣେଇ: ମୁଁ ଅନ୍ୟର ବାହାଘର ସମୟରେ ଡ୍ରୋନ୍ ଉଡାଏ।



# ପର୍ଯ୍ୟଟନରେ ମନୋରମ ୟୁକସୋମ



**ସିକ୍କିମ୍‌ସ୍ଥିତ ଏକ ଐତିହାସିକ ସହର ହେଉଛି ୟୁକସୋମ। ପର୍ଯ୍ୟଟନ ଦୃଷ୍ଟି କୋଣରୁ ବି ଏହା ବେଶ୍ ସମୃଦ୍ଧ। କାରଣ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ପାହାଡ଼, ଜଙ୍ଗଲ, ହ୍ରଦ ତଥା ବୌଦ୍ଧ ମଠ ସହିତ ଆହୁରି ଅନେକ କିଛି...**







ୟୁକସୋମ ହେଉଛି ସିକ୍କିମ୍‌ସ୍ଥିତ ଏକ ଆକର୍ଷଣୀୟ ତଥା ମନୋରମ ସହର। ଏଠାରେ ରହିଛି ଏକାଧିକ ସୁନ୍ଦର ପର୍ଯ୍ୟଟନସ୍ଥଳୀ। ଖାସ୍‌କରି ଏଠାରେ ଦେଖିବାକୁ ମିଳୁଥିବା ଜଙ୍ଗଲ ପରିବେଷ୍ଟିତ ପାହାଡ଼ର ଅପୂର୍ବ ଦୃଶ୍ୟ ବେଶ୍ ଆଖିଦୃର୍ଶୀୟା ହୋଇଥାଏ। ଏହାଛଡ଼ା ଏଠାରେ ବି ଦେଖିବାକୁ ମିଳେ ହ୍ରଦ ଏବଂ ଏକାଧିକ ବୌଦ୍ଧ ମଠ। କେବଳ ପର୍ଯ୍ୟଟନ ଦୃଷ୍ଟି କୋଣରୁ ନୁହେଁ ଏଠାକାର ସଂସ୍କୃତି ଓ କଳା ମଧ୍ୟ ବେଶ୍ ସମୃଦ୍ଧ ଆଉ ହୃଦୟସ୍ପର୍ଶୀ। ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

### କ'ଣ ଦେଖିବେ

ଏଠାରେ ପର୍ଯ୍ୟଟକ ଦୁବ୍‌ଦି ନାମରେ ଏକ ଲୋକପ୍ରିୟ ବୌଦ୍ଧ ମଠ ଦେଖିବାର ସୁଯୋଗ ପାଇପାରିବେ। ଏହି ମଠକୁ କେହି କେହି ୟୁକସୋମ ମଠ ବୋଲି ବି କହିଥାନ୍ତି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୭୦୧ ମସିହାରେ ନିର୍ମିତ ହୋଇଥିବା ଏହି ବୌଦ୍ଧ ମଠଟି ଆଜିବି ତା'ର ଆକର୍ଷଣୀୟ ପରିପାଟିରେ ଆଗନ୍ତୁକଙ୍କୁ ସ୍ୱାଗତ କରିବାକୁ ୟୁକସୋମରେ ସେମିତି ଦଣ୍ଡାୟମାନ ହୋଇ ରହିଛି। କେବଳ ଏହି ଗୋଟିଏ ମଠ ନୁହେଁ, ୟୁକସୋମର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ଅନେକ ଛୋଟବଡ଼ ମଠ ଦେଖିବାକୁ ମିଳିଥାଏ। ଯେମିତିକି: ପେମୟାଙ୍ଗସେ ମଠ, ସାଙ୍ଗ ଚୋଏଲିଂ ମଠ, ତାସିଡିଂ ମଠ ଇତ୍ୟାଦି ଅନ୍ୟତମ। ବୌଦ୍ଧମଠ ବ୍ୟତିତ ପର୍ଯ୍ୟଟକ ଏଠାରେ ଖେଚେଓପଲ୍‌ରି ନାମରେ ଏକ ହ୍ରଦ ବି ଦେଖିବାର ମଜା ନେଇପାରିବେ। କେବଳ ସେତିକି ନୁହେଁ, ସମୁଦ୍ରପତ୍ତନଠାରୁ ପ୍ରାୟ ୧୭୮୦ ମିଟର ଉଚ୍ଚତାରେ ଥିବା ଏହି ସହରରେ ପର୍ଯ୍ୟଟକ ଅନେକ ଜଙ୍ଗଲ ପରିବେଷ୍ଟିତ ପାହାଡ ଦେଖିବାର ମଜା ମଧ୍ୟ ନେଇପାରିବେ।

### ଟ୍ରେକିଂ ପାଇଁ ବି ପ୍ରସିଦ୍ଧ

ପାହାଡ ପର୍ବତ ଘେରା ଏହି ଅଞ୍ଚଳରେ ଟ୍ରେକିଂ ପାଇଁ ବି ରହିଛି ବେଶ୍ ସୁବିଧା ସୁଯୋଗ। ଖାସ୍ ସେଥିପାଇଁ ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ ଭିଡ଼ ଜମିଥାଏ।

### ଇକୋ-ଟୁରିଜିମ୍

ଇକୋ-ଟୁରିଜିମ୍ କ୍ଷେତ୍ରରେ ବି ୟୁକସୋମର ରହିଛି ବେଶ୍ ନାଁ ଆଉ ଖ୍ୟାତି। ପାହାଡ, ପର୍ବତ ଘେରା ଏହି ଅଞ୍ଚଳର ଲୋକମାନେ ପରିଷ୍କାର, ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି; ଯାହାକି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

### କେବେ ଓ କେମିତି ଯିବେ

ୟୁକସୋମକୁ ବର୍ଷକ ବାରମାସ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଡିସେମ୍ବରରୁ ଫେବୃୟାରୀ ଏଠାରେ ବହୁତ ଥଣ୍ଡା ଅନୁଭବ ହୋଇଥାଏ। ତେଣୁ ଏଠାକୁ ଭ୍ରମଣରେ ଯିବା ପାଇଁ ମାର୍ଚ୍ଚରୁ ଜୁନ୍ ଏବଂ ସେପ୍ଟେମ୍ବରରୁ ନଭେମ୍ବର ହେଉଛି ସବୁଠୁ ଭଲ ସମୟ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ହେଉ ଅବା ନିଜସ୍ୱ ଗାଡ଼ିରେ ମଧ୍ୟ ଆରାମରେ ଯାଇ ଏଠାରେ ପହଁଞ୍ଚିପାରିବେ।



# ବ୍ଲେଡ ମଝିରେ କାହିଁକି ଥାଏ ଏକ ଖାସ୍ ଡିଜାଇନ୍






**ବ୍ଲେଡ ଯେଉଁ କମ୍ପାନୀର ହେଉ ନା କାହିଁକି, ତାହା ପୃଥିବୀର ଯେଉଁଠି ବି ତିଆରି ହୋଇଥାଉ ପଛେ ତା'ର ଡିଜାଇନ୍ କିନ୍ତୁ ଏକାପରି ଥାଏ। ଆଉ ବ୍ଲେଡ୍ ମଝିରେ ଥିବା ଖାଲି ସ୍ଥାନରେ ହୋଇଥିବା ଡିଜାଇନ୍ ତ ପୁରାପରି ଏକା ହୋଇଥାଏ...**



ବ୍ଲେଡ ଯେଉଁ କମ୍ପାନୀର ହେଉ ନା କାହିଁକି, ତାହା ପୃଥିବୀର ଯେଉଁଠି ବି ତିଆରି ହୋଇଥାଉ ପଛେ ତା'ର ଡିଜାଇନ୍ କିନ୍ତୁ ଏକାପରି ଥାଏ। ଆଉ ବ୍ଲେଡ୍ ମଝିରେ ଥିବା ଖାଲି ସ୍ଥାନରେ ହୋଇଥିବା ଡିଜାଇନ୍ ତ ପୁରାପରି ଏକା ହୋଇଥାଏ। ତେବେ ଏଭଳି କାହିଁକି ହୋଇଛି ଓ ଏହାର କାମ କ'ଣ ଜାଣିଛନ୍ତି ? ବ୍ଲେଡକୁ ସର୍ବପ୍ରଥମେ ଜିଲେଟ୍ କମ୍ପାନୀର ପ୍ରତିଷ୍ଠାତା କିଙ୍ଗ କୈମ୍ପ ଜିଲେଟ୍ ୧୯୦୧ରେ, ୱିଲିୟମ ନିକର୍ସନଙ୍କ ସାହାଯ୍ୟରେ ତିଆରି କରିଥିଲେ। ସେହିବର୍ଷ ଉକ୍ତ ବ୍ଲେଡର ପେଟେଣ୍ଟ ବି ହେଇଥିଲା। ଆଉ ୧୯୦୪ରୁ କିଙ୍ଗ କୈମ୍ପ ଜିଲେଟ୍ ଏହାର ଉତ୍ପାଦନ ଆରମ୍ଭ କରିଥିଲେ। ସେହିବର୍ଷ ୧୬୫ଟି ବ୍ଲେଡ ତିଆରି କରାଯାଇଥିଲା। ସେତେବେଳେ ବ୍ଲେଡର ବ୍ୟବହାର କେବଳ ନିଶଦାଢି ଶେଭିଂ ପାଇଁ କରାଯାଉଥିଲା। ସେଥିପାଇଁ ବ୍ଲେଡ ମଝିର ଡିଜାଇନ ଏହିଭଳି କରାଯାଇଥିଲା, ଯଦ୍ୱାରା କି ତାହା ରେଜର୍ ବୋଲ୍ଟରେ ଠିକ୍‌ଭାବେ ଖାପ ଖୁଆଇ ରହି ପାରିବ। ସେତେବେଳେ ଜିଲେଟ ବ୍ୟତିତ ଅନ୍ୟ କୌଣସି କମ୍ପାନୀର ରେଜର୍ ନ ଥିଲା। ତେଣୁ ଏହାକୁ ନଜରରେ ରଖି ବ୍ଲେଡ ମଝିର ଡିଜାଇନ୍ କରାଯାଇଥିଲା। ଏହାପରେ ବ୍ଲେଡର ବ୍ୟବସାୟ ଯେତେବେଳେ ଭଲ ଚାଲିଲା ଅନ୍ୟ କେତେକ କମ୍ପାନୀ ବି ଏହି କ୍ଷେତ୍ରକୁ ଆସିଲେ। ହେଲେ ସେତେବେଳେ ଶେଭିଂ ରେଜର୍ କେବଳ ଜିଲେଟ୍ କମ୍ପାନୀ ହିଁ କରୁଥିଲା । ତେଣୁ ବ୍ଲେଡ ଯେଉଁ କମ୍ପାନୀ କରୁ ପଛେ ଜିଲେଟ୍ ରେଜର୍‌ରେ ଖାପଖୁଆଇବା ରହିବା ପାଇଁ ବ୍ଲେଡ ମଝିର ସେହି ଡିଜାଇନ୍‌କୁ ଏକାପରି ହିଁ କରାଯାଉଥିଲା। ସେ ସମୟରେ ପ୍ରତିଦିନ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ବ୍ଲେଡ ତିଆରି କରାଯାଉଥିଲା। ସମୟ ବଦଳିବା ସହ ଏବେ ବିଭିନ୍ନ ପ୍ରକାରର ରେଜର୍ ଆସିଲାଣି। ତେଣୁ ବ୍ଲେଡ ଡିଜାଇନ୍‌ରେ ବି କିଛିଟା ପରିବର୍ତ୍ତନ ଆସିଛି। କିନ୍ତୁ ସାଧାରଣଭାବେ ସେଇ ପୁରୁଣା ଡିଜାଇନ୍‌ର ବ୍ଲେଡ ହିଁ ବ୍ୟବହାର କରାଯାଉଛି।



## ସବୁଠୁ ସଂକୀର୍ଣ୍ଣ ନଦୀ

ନଦୀ ତ ସମସ୍ତେ ଦେଖିଥିବେ। ଏହା ବହୁତ ଲମ୍ବା ହେବା ସହ ଓସାର ଏତେ ହୋଇଥାଏ ଯେ, ଏକୂଳରୁ ସେ କୂଳକୁ ଯିବା ପାଇଁ ଡଙ୍ଗାର ଆବଶ୍ୟକତା ପଡେ। କିନ୍ତୁ ଜାଣନ୍ତିକି ଏମିତି ବି ଏକ ନଦୀ ଅଛି, ଯାହାକୁ ପାର୍ ହେବା ପାଇଁ ଡଙ୍ଗାର ଆବଶ୍ୟକତା ପଡେ ନାହିଁ। ବରଂ ଗୋଟିଏ ପାଦ ଡେଇଁ ନଦୀ ପାର୍ ହେଇଯିବେ। ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ କଥାଟି ସତ। କାରଣ ଇଏ ହେଉଛି ପୃଥିବୀର ସବୁଠାରୁ କମ୍ ଓସାରର ତଥା ସବୁଠୁ ସଂକୀର୍ଣ୍ଣ ନଦୀ। ଏହାକୁ ସ୍କେଲ ପକେଇ ମାପି ମଧ୍ୟ ହେବ। ଚାଇନାରେ ଥିବା ଉକ୍ତ ସଂକୀର୍ଣ୍ଣ ନଦୀର ନାମ ହେଉଛି 'ହୁଆଲାଇ', ଯାହାର ଲମ୍ବ ୧୭ କି.ମି.ରୁ ଉର୍ଦ୍ଧ୍ୱ, ଗଭୀରତା ୫୦ ସେ.ମି. କିନ୍ତୁ ଓସାର ହାରାହାରି ୧୫ ସେ.ମି.। ଯେଉଁଠି ନଦୀଟି ସବୁଠାରୁ ସଂକୀର୍ଣ୍ଣ ସେଠି ତା'ର ଓସାର ମାତ୍ର ୪ ସେ.ମି.। ଚାଇନାର ବିଶେଷଜ୍ଞଙ୍କ ମତରେ ଉକ୍ତ ନଦୀ ୧୦,୦୦୦ ବର୍ଷ ହେବ ପ୍ରବାହିତ ହେଉଛି। ଅନେକେ ଏହାର ଓସାରକୁ ନେଇ କୁହନ୍ତି ଏହା ନଦୀ ହୋଇ ନ ପାରେ। ତେବେ ଏହା ବର୍ଷ ବର୍ଷ ଧରି ନ ସୁଖି ଅବିରତ ପ୍ରବାହିତ ହେଉଛି। ଅର୍ଥାତ୍ ଏହା ଏକ ସ୍ଥାୟୀ ଜଳସ୍ରୋତ। ତେଣୁ ହୁଆଲାଇ ଏକ ନଦୀ ବୋଲି ବିଶେଷଜ୍ଞ ମତ ଦିଅନ୍ତି।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଛିଙ୍କ ପଡ଼ିଲା...

ଆଜିକାଲି ଆଉ କିଏ କ'ଣ ମିଛ କହୁଛନ୍ତି ? ନା, ଏବେ ସମସ୍ତେ ସତ କହିବା ଶିଖିଯାଇଛନ୍ତି । ଆଜ୍ଞା ! ଆପଣମାନେ ଅନୁସନ୍ଧାନ କରୁନାହାନ୍ତି ! ବଳେ ଜାଣିଯିବେନି ! ଏମିତିକା ଏତେ ସତ କହୁଛନ୍ତି ଯେ, କେହି ମିଛବୋଲି କହି ପାରିବେନି । ବାପା କହିଲେ ପୁଅରେ ! ମୁଁ ଘରେ ଲୁଚିଛି... କାହାକୁ କହିବୁନି । ଯିଏ ଖୋଜିଆସି ପଚାରିଲେ, ପୁଅ କହିଲା ବାପା କହିଛନ୍ତି,–ସେ ଘରେ ଲୁଚିଛନ୍ତି କାହାକୁ କହିବୁନି । ମୁଁ ଆପଣଙ୍କୁ କେମିତି କହିଦେବି ? ବାପା ଦେଇଥିବା ଚକୋଲେଟ ଖାଇ, ସେ କ'ଣ ମିଛ କହିପାରିଥାନ୍ତା, ଆପଣ କହୁନାହାନ୍ତି !

ପିଲାଏ ଘରେ ପାଠ ନ କରି ସ୍କୁଲକୁ ଆସିଲେ, ସାର୍ ଯଦି କାହିଁ ପାଠ କରିନ ପଚାରନ୍ତି –ତେବେ ବାପାରାଣ, ମା'ରାଣ, ବିଦ୍ୟାରାଣ ପକେଇ ଯେଉଁ ସଫେଇ ଦିଅନ୍ତି, ଆପଣ କ'ଣ ତାକୁ ମିଛ କହିପାରିବେ ? ନେତାଙ୍କ ପରି ବାରମ୍ବାର କଥା ନ ବଦଳେଇ ଆଜିକାଲି ପୁଅ –ଝିଅ ଏକାଧିକ ପ୍ରେମିକା ବା ପ୍ରେମିକଙ୍କୁ ଯେତେବେଳେ ପ୍ରମିଜ୍‌କରି ସେଇ ଗୋଟିଏ କଥା ସମସ୍ତଙ୍କୁ କହନ୍ତି... ଡାର୍ଲିଂ ! ଓନ୍ଲି ଆଇ ଲଭ୍ ଇଉ, ତେବେ ଆପଣ ତାକୁ ମିଛ କହିପାରିବେ କି ? ନା, ଏମାନେ କେହିବି ମିଛୁଆ... ମିଛେଇ ନୁହନ୍ତି । ଆଗରୁ ଗୋଟେ ରେକର୍ଡ ଗୀତ ବାଜୁଥିଲା ''ସତ କହୁଛି ମୁଁ ତମ ଦେହ ଛୁଇଁ, ତମ ବିନା ମୋର କେହି ନାହିଁ... । ଯେତେବେଳେ ଦେହଛୁଇଁ, ରାଣଖାଇ, ପ୍ରମିଜ୍‌କରି କହୁଛନ୍ତି, ତେବେ କାହା ଜିଭରେ ହାଡ଼ ଅଛି ଯେ, ତାହାକୁ ମିଛବୋଲି କହିବ ? ପିଲାଏ ପାଠ ପଢ଼ିବାକୁ ବାହାରକୁ ଯାଇ, ପାର୍କରେ ରୋମାନ୍ସ କଲେ କି ଫିଲ୍ମ ଦେଖିବାକୁ ଗଲାବେଳେ, ଯଦି ବାପା ମା' କି ମମି ଡାଡି କିମ୍ବା କେଉଁ ଫ୍ରେଣ୍ଡ ଯଦି ଫୋନକରି କେଉଁଠି ଅଛୁ ପଚାରନ୍ତି,–ତେବେ ଗଡ୍ ପ୍ରମିଜ ମୁଁ କଲେଜରେ କ୍ଲାସରେ ବିଜି ଅଛି ଯେବେ କୁହନ୍ତି, ତେବେ ସେମାନଙ୍କୁ ସନ୍ଦେହ କରିବା କି ମିଛୁଆ ଭାବିବା ମହାପାପ । ଯଦି ମିଛ କହୁଛୁ କହି ତର୍କ କରନ୍ତି, ଅବଶ୍ୟ ଆପଣ ମିଛୁଆ ବୋଲି ପ୍ରମାଣିତ ହେବେ । ସେମିତି କୋର୍ଟ କଚେରି ହେଉଛି ସତ୍ୟ, ନ୍ୟାୟ, ଧର୍ମର ବିଚାରାଳୟ । ଏଠାରେ କ'ଣ କେହି ଗୀତା, କୋରାନ, ବାଇବେଲ ଛୁଇଁ ମିଛ କହିବା ସମ୍ଭବ ? ନା ଶପଥପାଠ କରି କାଗଜ ପତ୍ରରେ ଯେଉଁ ସମ୍ପତ୍ତି ତାଲିକା, ଶିକ୍ଷାଗତ ଯୋଗ୍ୟତା, ଜାତି, ବୟସ ଇତ୍ୟାଦି ପ୍ରମାଣ ଦିଆଯାଏ, ତାକୁ ମିଛବୋଲି କେଉଁ ସତିଆ ବୀର କହିପାରିବ ? ଏମିତିକି ଯେଉଁ ନେତାମାନେ ଆମକୁ ସର୍ବଦା ଭଲହେବାକୁ ଶିକ୍ଷାଳୟଠାରୁ ନିର୍ବାଚନୀ ସଭାଯାଏ ଉପଦେଶ ଦେଇ ପୂର୍ବଜଙ୍କ ଅଧୁରା ସ୍ୱପ୍ନକୁ ସଫଳପାଇଁ ବହୁତବର୍ଷଧରି ଖାଲି ଜନତାଙ୍କ ସେବା କରନ୍ତି, ସେମାନେ କ'ଣ କେବେ ମିଛ କହିପାରନ୍ତି ? ମୋର ଏକଥା ବିଶ୍ୱାସ ହେଉନି । ହଁ, ଏବେ ମୋର ଏଇ ସତ୍ୟ କହୁଥିବା ପ୍ରସଙ୍ଗ ଉପରେ ଗୋଟେ କଥା ମନେପଡ଼ିଲା... ଶୁଣି ବିଚାର କରନ୍ତୁ ।




ଆମ ଗାଁ ପାଖରେ ଗୋଟେ ଭଲ ଝିଅ । ତାକୁ କେହି କେହି ଫୁଲେଇ ରିଙ୍କି ଡାକନ୍ତି । ସେ ଢିଙ୍କିଶାଳରେ ବସି ଢେଙ୍କାନାଳରେ ଥିବାକଥା ଏତେ ସୁନ୍ଦର ଭାବରେ କହେ ଯେ, ତାକୁ କେହି ବି ମିଛ ଭାବିପାରିବେନି । ତା' କଥାରେ ବାତୁଳି ବାଜେନି । ଏଇ ଭଲଗୁଣ ସେ ମା ପେଟରୁ ଧରି ଜନ୍ମହୋଇଛି, ଏ ବିଶ୍ୱାସ ତା' ସାଙ୍ଗ ଜଳିର ଅଛି । ସେଇ ଜଳି ତା' ବିଷୟରେ ବେଶି ଜାଣିଛି । ଏମିତି ସତ କହିବା କୁଆଡ଼େ ତାଙ୍କ ବଂଶର ଲକ୍ଷଣ । ରିଙ୍କି ବାପା ଅଷ୍ଟମ ଫେଲ୍ ହୋଇଥିଲେ ବି ସହରରେ ଦରୁଆନ ଚାକିରି କଲେ କ'ଣ ହେଲା, ଗାଁରେ ଆସିଲେ ଅଫିସର ଅଛି କହି ଦରମା ଛ'ହଜାର ଡାହାଣରେ ମାତ୍ର ଗୋଟେ ଶୂନ ବସେଇ ଷାଠିଏ ହଜାରେ ଟଙ୍କା ପାଉଛନ୍ତି ବୋଲି କୁହନ୍ତି । ତା'ମା' ବି କାହା ଭୋଜିକି ବାହାଘର ଆଦି ଜାଗାକୁ ଗଲେ, ଗୁଡ଼ାଏ ଇମିଟେସନ (ସୁନା ରଙ୍ଗଦିଆ )ଗହଣା ପିନ୍ଧି, କେହି ନ ପଚାରିଲେ ମଧ୍ୟ ତାଙ୍କ ପାଖରେ ଥିବା ସ୍ତ୍ରୀ ଲୋକଙ୍କୁ ଆଗୁଆ କହନ୍ତି ଯେ, ଏ ସବୁ ରିଙ୍କି ବାପା ତା' ପାଇଁ ସହରିଆ ଶୋ'ରୁମ୍‌ରୁ ନାକ୍ଷେ ନାକ୍ଷେ ଟଙ୍କା ଦେଇ କିଣିଛନ୍ତି । ତାଙ୍କଘରେ ସମସ୍ତଙ୍କର ଭଲ ପରୋପକାରୀ ଗୁଣ ଅଛି... ଇତ୍ୟାଦି । ଏମିତିରେ ରିଙ୍କି ଗାଁ ପାଖ ସ୍କୁଲରୁ ମୁଣ୍ଡାମୁଣ୍ଡି ନମ୍ବର ରଖି ମାଟ୍ରିକ ପାସ୍‌କରି କଲେଜରେ ନାଁ ଲେଖିବାକୁ ସିଟ୍ ନ ପାଇ ଦୁଇ ବର୍ଷ ରହିବାପରେ ବାପା ସାଥିରେ ସହରକୁ ଚାଲିଗଲା । ତିନିବର୍ଷ ପରେ ଗାଁକୁ ଯେମିତି ରୂପରେ ସଜେଇ ହୋଇ ଯେଉଁ ରଙ୍ଗଢଙ୍ଗରେ କଥାବାର୍ତ୍ତା କଲା, ସମସ୍ତେ ତାଟକା ହୋଇ ଚାହିଁ ତା କଥା ଶୁଣୁଥିଲେ । ଛିଟ ଫ୍ରକ୍ ଛାଡି ଚିପା ଜିନ୍ ପ୍ୟାଣ୍ଟ, ଶର୍ଟ ଟପ୍ ପିନ୍ଧି, ଆଖିରେ ସନ୍‌ଗ୍ଲାସକୁ ଡାହାଣ ହାତରେ ବଡ଼ ଘଣ୍ଟା, ପାଦରେ ହାଇହିଲ୍ ଜୋତା ସାଙ୍ଗକୁ ଲମ୍ବା ବେଣୀକି ପାର୍ଲରରେ କାଟି ଛୋଟ ଚୁଟି କରିଛି । ଓଠରେ ଗାଢ଼ ଲାଲ ଲିପିଷ୍ଟିକ୍, ଦେହରୁ ଡିଓ ଅତର ମହକ ଆସୁଛି । କଥା କହିଲେ ଓଠକୁ ବେଢ଼େଇ ଓ... ହାଏ...ବାଏ... ଓକେ... ରିଅଲି... ଆକ୍ଚୁଆଲି... ବଟ୍... ନଟ୍... ସରି.. ଭେରି ସରି... ଆଇ ଥିଙ୍କ୍ ଓ ମାଇଁ ଗଡ଼, ମମ୍... ଡାଡ୍ ଇତ୍ୟାଦି ଅନେକ ଭାଷା ଖେରୁଡ଼ିରେ ଗପୁଚି । ରିଙ୍କି ଦିନେ ଉପର ବେଳା ତା' ମା' ସହ ଗାଁ ବୁଲି ଯାଉ ଯାଉ ଦାଣ୍ଡ ପିଣ୍ଡାରେ ବସିଥିବା କେଇଜଣ ସ୍ତ୍ରୀ ଲୋକ ଭିତରୁ ଜେମା ମାଉସୀ ଡାକ ପକେଇଲେ... ଆଲୋ ରିଙ୍କି ବୋଉ ! କୁଆଡେ ଯାଉଛୁ ଇଆଡ଼େ ଟିକେ ଆସୁନୁ ।

ମା' ଝିଅ ତାଙ୍କ ପାଖକୁ ଯାଉ ଯାଉ ଜଣେ ପଚାରିଲେ... ଇଏ କାହା ପୁଅ କି ? ରିଙ୍କି ମା' ହସି ହସି କହିଲେ, ତେମେ କ'ଣ ଚିହ୍ନି ପାରୁନ ମୋ ଝିଅ ରିଙ୍କିକୁ ? ସେ ପରା ସହରକୁ ଯାଇ ରାଇଜଯାକର ପାଠ ପଢ଼ି ବଡ଼ ଚାକିରିକରି ନାକ୍ଷେ ଟଙ୍କା ପାଖାପାଖି ଦରମା ପାଇଲାଣି । ସହରରେ ସବୁଲୋକ ତାକୁ ଜାଣନ୍ତି, ନମସ୍କାର ପକାନ୍ତି, ଆଉ କ'ଣ ଗୋଟେ କି ନାଁରେ ଡାକନ୍ତି... ହେ ଝିଅ, କହିଦେବୁଟି ! ରିଙ୍କି କହିଲା, ମାଡାମ୍ ବୋଲି ଡାକନ୍ତି । ମୋ ଫ୍ରେଣ୍ଡମାନେବି ମାମ୍ ଡାକୁଛନ୍ତି । ଏତିକି ବେଳକୁ ରିଙ୍କି ମା' ଥିଲା ଥିଲା ଗୋଟେ ଟାଣକରି ଛିଙ୍କିଦେଲା । ହଠାତ୍ ସବୁ ମାଇପେ କହିଉଠିଲେ... ହଁ ହଁ ସତ ସତ । ଦେଖୁନ, କେମିତି କହୁ କହୁ ଛିଙ୍କ ପଡିଲା । ସତକଥା କହିଲେ କେଉଁଠି କେଜାଣି ଥାଏ ସେ ଛିଙ୍କ ଭୁସ୍ କିନା ତ ପଡ଼ିବ । ସେଇ ବାଟଦେଇ ରିଙ୍କିର ପିଲାବେଳ ସାଙ୍ଗ ଜଳି ଯାଉଥିଲା । ଏତେଦିନେ ରିଙ୍କିକି ଦେଖି ଧାଇଁ ଆସି ଖୁସିରେ ତାକୁ କୁଣ୍ଢେଇବାକୁ ଯାଉଯାଉ ରିଙ୍କି ଦେହ ଗଲୁକଲା କି କରୋନା ବେମାରିଆ ସତେ ଯେମିତି ଛୁଇଁଲା ଭଳିଆ, ନାକକୁ ଟେକି ଦୂରକୁ ଘୁଞ୍ଚିଗଲା । ସାଙ୍ଗର ଏମିତି ବ୍ୟବହାର ଦେଖି ଜଳି ମନ ପୁରା ଶୁଖିଗଲା । ଏଇବେଳକୁ ଜେମା ମାଉସୀ କହିଲେ, ହଇଲୋ ଜଳିଆ ! ତୁ ଗାଁରେ ବଇଥା । ତୋରି ସାଙ୍ଗର ହୋଇ ରିଙ୍କି ସହରକୁ ଯାଇ ରାଇଜଯାକର ପାଠ ପଢ଼ି ବଡ଼ ଚାକିରିକରି ନାକ୍ଷେ ଟଙ୍କା ଦରମା ପାଇଲାଣି । ଆଉ ତୁ... ? ଜଳିର ମନଦୁଃଖ ହେଲାବେଳକୁ ମାଉସୀର ଏଇକଥା ଯେମିତି ତା' ଦେହରେ ନିଆଁଖୁଣ୍ଟା ଗେଞ୍ଜିଦେଲା ପରି ଲାଗିଲା । ତା' ପାଟିରୁ ବାହାରି ପଡିଲା କିଏ କହୁଛି ବା ? ସେ ଯୋଉ ସହରରେ ରହୁଛି, ମୋ ବଉଳ ପରା ତାକୁ ଦେଖିଛି, ତା' ବାପା ଯୋଉ ମଲ୍‌ରେ ଦରୁଆନ ଚାକିରି କରୁଛନ୍ତି, ସେଇଠି ସିଏ ଗୋଟେ ଗାର୍ମେଣ୍ଟ ଦୋକାନରେ ଲୋକଙ୍କୁ ଡ୍ରେସ ବିକ୍ରିକରୁଛି । ହୁଁ, ଦରମା ଲାକ୍ଷେ ! ହେଇ ହେଇ ଟଙ୍କା ପାଞ୍ଚ କି ସାତ ହଜାରେ ପାଉଥିବ କି ନା । ମୁଣ୍ଡାମୁଣ୍ଡି ମାଟ୍ରିକ ପଢି ତାକୁ ଏଡ଼େବଡ଼ ଚାକିରି କିଏ ଦେଉଥିଲା ?

ଏତିକି ଶୁଣି ସବୁ ମାଇପେ ଜଳିକି ଚୁପ୍ କରେଇ କହିଲେ, ହଇଲୋ ଜଳି ! ତୁ ଏଡ଼େ ହିଂସୀକୁଟିଆଣି... ଏଡ଼େ ମିଛେଇ ! ଆମେ ସମସ୍ତେ ପରା ତା' ଠାରୁ ଶୁଣୁଶୁଣୁ ଛିଙ୍କ ପଡ଼ିଲା । ସିଏ କିଆଁ ମିଛ କହିବ ?


–ମଙ୍ଗରାଜପୁର, ପୁରୀ
ମୋ:୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଚିହ୍ନା ମୁହଁ

ମନୋଜ କୁମାର ଜେନା, ପ୍ରକାଶିକା–ଗୀତାଞ୍ଜଳି ଜେନା
ଗୌରୀ ଗାର୍ଡେନ, ଭୁବନେଶ୍ୱର–୨,ମୂଲ୍ୟ–୧୦୦ଟଙ୍କା


'ଚିହ୍ନା ମୁହଁ' ମନୋଜ କୁମାର ଜେନାଙ୍କ କ୍ଷୁଦ୍ର ଗଳ୍ପ ସଂକଳନ । ଏଥିରେ ୧୬ଟି ଗପ ସ୍ଥାନ ପାଇଛି । କାହାଣୀରେ ରହୁଥିବା ଉତ୍କଣ୍ଠାର ସମନ୍ୱୟରେ ଗଳ୍ପଗୁଡିକ ସରସ, ସୁନ୍ଦର ଓ ସୁଖପାଠ୍ୟ ହୋଇଛି । ଶାନ୍ତି ଓ ସନ୍ତୋଷ ଗଳ୍ପରେ ବିଶେଶ୍ୱର ବାବୁଙ୍କ ୨ ପୁଅ ବିଦେଶରେ ଉଚ୍ଚ ପଦରେ ଅଧିଷ୍ଠିତ ହୋଇଥିବାରୁ ସେ ନିଃସଙ୍ଗ ଜୀବନ ଯାପନ କରି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ସହକର୍ମୀ ମଧୁବାବୁ ଦୁଃଖ ଓ ଦୁର୍ଦ୍ଦଶାରେ ଅବିଚଳିତ ରହୁଥିବା ଦେଖି ସେ ଚରମ ନିଷ୍ପତ୍ତିରୁ ଦୂରେଇ ଯାଇ ଏକ ଶିଶୁ ଆଶ୍ରମ ପ୍ରତିଷ୍ଠା କରି ସନ୍ତୋଷ ପାଇଛନ୍ତି । ଏଭଳି ଅନ୍ୟ ଗଳ୍ପରେ ମଧ୍ୟ ଲେଖକ ବିଭିନ୍ନ ଚରିତ୍ରକୁ ଏଭଳି ବର୍ଣ୍ଣନା କରିଛନ୍ତି ଯେ, ଗପ ଶେଷ ନ ହେଲା ଯାଏ ଉତ୍କଣ୍ଠା ଭରି ରହିଥାଏ ।




### କବିତା ୯୯

ସତ୍ୟପ୍ରିୟା ପଟ୍ଟନାୟକ, ଲିପିକା, ନିଜିଗଡ କୁରୁଝି
ହରିରାଜପୁର, ଜଟଣୀ, ମୂଲ୍ୟ–୧୫୦ଟଙ୍କା

'କବିତା ୯୯' ସତ୍ୟପ୍ରିୟା ପଟ୍ଟନାୟକଙ୍କ ପୁସ୍ତକ । ଏଥିରେ ୯୯ଟି କବିତା ସ୍ଥାନିତ ହୋଇଛି । କବିତାଗୁଡିକରେ ରହିଛି ଜୀବନ ଓ ସୌନ୍ଦର୍ଯ୍ୟ ବୋଧର କଥା । ହେଇ ଦେଖ ! ନୀଳ ସମୁଦ୍ର ଶୋଇ ପଡ଼ିଲାଣି/ କ୍ଳାନ୍ତ ଶିଶୁଟେ ପରି, ନୀଳ ଆକାଶ ଦେଲାଣି/ ନୂଆ ସକାଳ/ପୁଣି ଥରେ ହସାଇବା ପାଇଁ(ବନ୍ଧନ– ପୃଷ୍ଠା ୨୧) । ସେହିଭଳି ଆଉ ଏକ କବିତାକୁ ଉଦାହରଣ ଭାବେ ନିଆଯାଇ ପାରେ ପଥର, ନାରୀର ସମ୍ପର୍କ/ଜନ୍ମ ଜନ୍ମାନ୍ତରର/କେବେ ପଥର ହୋଇଯାଏ ନାରୀ/ କେବେ ନାରୀ ହୋଇଯାଏ ପଥର(ପଥର ଆଉ ନାରୀ– ପୃଷ୍ଠା ୧୧୨) । କବିତାରେ ଜୀବନ ଓ ମନର କଥାକୁ ପ୍ରକାଶ କରାଯାଇଛି, ଯାହା ବାସ୍ତବରେ ଉଚ୍ଚକୋଟିର । ପୁସ୍ତକଟି ପାଠକଙ୍କୁ ମୁଗ୍ଧ କରିବ ନିଶ୍ଚିତ ।




### ରଫ୍ ଖାତା

ରବୀନ ଖଣ୍ଡାୟତରାୟ
ପ୍ରକାଶକ–ପେଜ୍ ମେକର ପବ୍ଲିକେଶନ୍
ବାପୁଜୀ ନଗର, ଭୁବନେଶ୍ୱର –୯,
ମୂଲ୍ୟ–୨୮୦ଟଙ୍କା

'ରଫ୍ ଖାତା' ରବୀନ ଖଣ୍ଡାୟତରାୟଙ୍କ ପ୍ରବନ୍ଧ ପୁସ୍ତକ । ସାମ୍ପ୍ରତିକ ସମାଜରେ ଘଟୁଥିବା ଘଟଣାବଳୀକୁ ନିଜସ୍ୱ ଶୈଳୀରେ ସଜାଇ, ପାଠକମାନଙ୍କ ନିକଟରେ ଭେଟି ଦିଅନ୍ତି ଲେଖକ । ଅସୁମାରୀ ଅଙ୍ଗେ ନିଭା ଘଟଣାସବୁ ପୁସ୍ତକକୁ ରସାଳ କରିଛି । କଳା ଚଷମା ଲଗାଇ ଦୁନିଆକୁ କଳା ଭଳି ନ ଦେଖି ଖାଲି ଆଖିରେ ସତ୍ୟକୁ ଉପଲବ୍ଧି କରିବାକୁ ଲେଖକ ତାଙ୍କ ଲେଖା ମାଧ୍ୟମରେ କହିଛନ୍ତି । ଲେଖକ ଯେଉଁ ଘଟଣାଗୁଡ଼ିକୁ ପ୍ରତିଦିନ ଅଙ୍ଗେ ନିଭାଉଛନ୍ତି ସେଗୁଡ଼ିକୁ ନିଜ ଶୈଳୀ ଓ ଚିନ୍ତାଧାରାରେ ଉପସ୍ଥାପନ କରି ପାଠକଙ୍କୁ ଭେଟି ଦେଇଛନ୍ତି । ଯାହା ଉଚ୍ଚକୋଟିର ହୋଇଛି ।



ବ୍ୟାକ୍ ପେଜ୍

# ସବୁଠାରୁ ସୁଖି ମଣିଷ

ଦୁଃଖ ସୁଖ ଦୁଇ ଭାଇ ପରି। ଏମିତି କେହି ନାହିଁ ଯିଏକି ଜୀବନରେ ଏହି ଦୁଇ ଅନୁଭୂତିକୁ ଅନୁଭବି ନାହିଁ। ହେଲେ ଏହା କେବେ ସ୍ଥାୟୀ ନୁହେଁ। ଦୁଃଖ ପରେ ସୁଖ ଓ ସୁଖପରେ ଦୁଃଖ ନିଶ୍ଚୟ ଆସେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ବି ଜଣେ ବ୍ୟକ୍ତି ଅଛନ୍ତି ଯେକି ସବୁବେଳେ ଖୁସିରେ ରୁହନ୍ତି। ତାଙ୍କ ମୁହଁରେ କେବେ ଦୁଃଖର ଛାଇ ଦେଖିବାକୁ ମିଳି ନାହିଁ। ସେ ହେଉଛନ୍ତି ଆମେରିକା, କାଲିଫର୍ନିଆରେ ରହୁଥିବା ଜେଫ୍ ରିଜ୍। ସବୁବେଳେ ଖୁସି ରହୁଥିବାରୁ ତାଙ୍କ ନାମ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ସୁଖି ମଣିଷଭାବେ ମଧ୍ୟ ସ୍ଥାନ ପାଇଛି। ଜେଫ ବାୟୁସେନାର ଜଣେ ଅବସରକାଳୀନ ଅଧିକାରୀ ଅଟନ୍ତି। ୨୦୧୨ରେ ସେ ଡିଜ୍‌ନୀଲାଣ୍ଡ ଯିବା ଆରମ୍ଭ କରିଥିଲେ। ଆଉ ଦେଖିଲେ ସେଠାକୁ ଗଲେ ସମସ୍ତେ ନିଜର ସବୁ ଦୁଃଖ ଭୁଲି




ଯାଉଛନ୍ତି। ତେଣୁ ସେ ସବୁଦିନ ଡିଜ୍‌ନୀଲାଣ୍ଡ ଯିବା ଆରମ୍ଭ କଲେ। ଅନେକ ସମୟରେ ତ ସେ ରାତିରେ ବି ସେଠାରେ ରହିଯାଆନ୍ତି, ଯାହା ତାଙ୍କୁ ବେଶ୍ ଖୁସି ଦିଏ। ଏମିତିରେ ଦୀର୍ଘ ୧୦ ବର୍ଷ ହେବ ସେ ଡିଜନୀଲାଣ୍ଡ ଯାଉଛନ୍ତି। ତେଣୁ ଗିନିଜ ୱାର୍ଲଡ ରେକର୍ଡସ୍ ତାଙ୍କୁ ଏକ ଦଶକ ମଧ୍ୟରେ ସବୁଠାରୁ ସୁଖି ମଣିଷର ଆଖ୍ୟା ଦେଇଛି। ତା'ସହ ଲଗାତାର ୨୯୯୫ ଦିନ ଡିଜ୍‌ନୀଲାଣ୍ଡ ଯାଇଥିବାରୁ ରିଜ୍ ଅନ୍ୟ ଏକ ୱାର୍ଲଡ ରେକର୍ଡ ବି ହାସଲ କରିପାରିଛନ୍ତି।



# ସତ ମାଛ!

ବିଭିନ୍ନ ପାତ୍ରରେ ଥିବା ଏଇ ସୁନ୍ଦର ରଙ୍ଗିନ ମାଛଗୁଡିକ ସତରେ କେତେ ଆକର୍ଷଣୀୟ। ଯେତେ ଦେଖିଲେ ବି ମନ ଭରୁନି। ମିନି ଆକ୍ୱାରିୟମ ପରି ଲାଗୁଛି ଏହିସବୁ ପାତ୍ର। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ପାତ୍ରକୁ ହଲାଇଲେ କିନ୍ତୁ ମାଛ ପହଁରି ନିଜ ସ୍ଥାନ ପରିବର୍ତ୍ତନ କରିବେ ନାହିଁ। କାରଣ ଏସବୁ ବାସ୍ତବ ନୁହେଁ। ବରଂ ଟ୍ରାନ୍ସପରେଣ୍ଟ ରେଜିନ୍‌ରେ କରାଯାଇଥିବା ମାଛର ପେଣ୍ଟିଂ। ଥ୍ରୀଡି ପେଣ୍ଟିଂ କରିବାରେ ଧୁରନ୍ଧର ଫିଫ୍ ଡଙ୍ଗ ଏହାକୁ ତିଆରି କରିଛନ୍ତି। ଏଥିରେ ରେଜିନ୍ ପାଣିର ଭ୍ରମ ସୃଷ୍ଟି କରୁଥିବା ବେଳେ ଆକ୍ରିଲିକ ପେଣ୍ଟରେ ତିଆରି କରାଯାଇଥିବା ମାଛ ସତସତିକା ମାଛର ଭ୍ରମ ସୃଷ୍ଟି କରୁଛି। ଏହି ଥ୍ରୀଡି ପେଣ୍ଟିଂ କରିବା ବହୁତ କଷ୍ଟ। ସାମାନ୍ୟ ଭୁଲ ହେଲେ ସମ୍ପୂର୍ଣ୍ଣ ପେଣ୍ଟିଂ ବିଗିଡିଯାଏ। ତେଣୁ ଏହାକୁ  କରିବା ପାଇଁ ବେଳେ ବେଳେ ମାସ ମାସ ଲାଗିଯାଏ। ଅର୍ଥାତ୍ ଏହାକୁ ତିଆରି କରିବା ପାଇଁ ଧୈର୍ଯ୍ୟ ସହ ଏକାଗ୍ରତାର ଆବଶ୍ୟକତା ରହିଛି। ଏହି ପେଣ୍ଟିଂ କରିବା ପାଇଁ ଫିଫ୍ ପ୍ରଥମେ କୌଣସି ଏକ ପାତ୍ରରେ ରେଜିନ୍‌ର ଏକ ପରସ୍ତ ଢାଳନ୍ତି। ଆଉ ତାକୁ ସୁଖିବା ପାଇଁ ୮ ଘଣ୍ଟା ଛାଡି ଦିଅନ୍ତି। ଏହି ପରସ୍ତ ସୁଖିବା ପରେ ତା'ଉପରେ ଆକ୍ରିଲିକ ରଙ୍ଗରେ ପେଣ୍ଟିଂର କିଛି ଅଂଶ କରନ୍ତି। ପୁଣି ସେହି ପେଣ୍ଟିଂ ଉପରେ ରେଜିନ୍ ପରସ୍ତେ ଢାଳନ୍ତି। ସେହି ରେଜିନ ସୁଖିବା ପରେ ପୁଣି ଥରେ ପେଣ୍ଟିଂର କିଛି ଅଂଶ କରନ୍ତି। ଏହି ଭଳି ଭାବେ ୨୦ ଥର କରି ଶେଷରେ ସେ ଏକ ଜୀବନ୍ତ ପେଣ୍ଟିଂ ତିଆରି କରନ୍ତି।









# ତିନି ମୁଣ୍ଡିଆ ଡ୍ରାଗନ

ଡ୍ରାଗନ ଏକ ଭୟଙ୍କର ବିରାଟକାୟ ପ୍ରାଣୀ, ଯାହା ପାଟିରୁ ବାହାରିଥାଏ ଲହ ଲହ ନିଆଁ। ବିଭିନ୍ନ ଲୋକକଥା ଓ କାହାଣୀରେ ଏଇ ଦୈତ୍ୟରୂପୀ ପ୍ରାଣୀ ସମ୍ପର୍କରେ ଶୁଣିବାକୁ ମିଳେ। ହେଲେ ବାସ୍ତବରେ କ'ଣ ଏହାର ସତ୍ତା ଅଛି ? ହୁଏତ ନାଁ। ହେଲେ ଏଇ କିଛି ବର୍ଷ ହେବ ଋଷୀୟାର ଲିପେଟ୍‌ସ୍କ ଅଞ୍ଚଳର କାମେଙ୍କା ଗ୍ରାମରେ ଦେଖିବାକୁ ମିଳୁଛି ଏକ ବିରାଟକାୟ ଡ୍ରାଗନ, ଯାହାର ତିନିଟି ମୁଣ୍ଡ ଅଛି। ଆଉ ତା'ର ପ୍ରତି ପାଟିରୁ ନିର୍ଗତ ହେଉଛି ନିଆଁ। ନିଆଁ ନିର୍ଗତ କଲାବେଳେ ତାହା ଏତେ ଭୟଙ୍କର ଦେଖାଯାଏ ଯେ ଡରରେ ଦେହ ଶୀତେଇଯିବ। କିନ୍ତୁ ଏହାକୁ ଦେଖିବାକୁ ଲୋକଙ୍କ ଭିଡ ଜମୁଛି। ଭାବୁଥିବେ ଏହା କିଭଳି ସମ୍ଭବ। ତେବେ ପ୍ରକୃତ କଥା ହେଲା ଏହା ସତସତିକା ଡ୍ରାଗନ ନୁହେଁ ବରଂ ଏକ ବଡ଼ ପ୍ରତିମୂର୍ତ୍ତି, ଯାହା କାମେଙ୍କା ଗ୍ରାମରେ ଥିବା 'କୁଡାଏକିନା ଗୋରା' ଫ୍ୟାମିଲି ପାର୍କରେ ଅଛି। ଉକ୍ତ ପ୍ରତିମୂର୍ତ୍ତିକୁ ୟୁକ୍ରେନ୍‌ର ସ୍ଥପତି ଭ୍ଲାଡିମିର କୋଲେସ୍‌ନିକୋଭ୍ ତିଆରି କରିଛନ୍ତି। ଯାହାର ଉଚ୍ଚତା ୧୫ ମିଟର ଓ ଆକାର ଏତେ ବଡ଼ ଯେ, ତାହା ସତ ଦୈତ୍ୟ ଭଳି ଲାଗେ। ୨୦୧୫ରେ ଏହାର ନିର୍ମାଣ ଆରମ୍ଭ ହୋଇ ୨୦୧୭ରେ ସରିଥିଲା।